ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net



ବାଲେଶ୍ୱର ❑ ମଙ୍ଗଳବାର ୨୪ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 JUNE 2025

Vol.No. 36 ■ No.165 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ଆଇଏସଆଇଏସ ସହ ସଂପର୍କ ଥିବା ଅଭିଯୋଗରେ ତିନି ଗିରଫ

ନୂଆଦିଲ୍ଲୀ,୨୩/୬ : ଦକ୍ଷିଣ କୋଲକାତାର କସ୍ବା ଅଞ୍ଚଳରେ ଏକ ଭଡା ଫ୍ଲାଟରୁ ତିନି ଯୁବକଙ୍କୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ସହିତ କଥିତ ସମ୍ପର୍କ ରହିଥିବା ଅଭିଯୋଗରେ ଗିରଫ କରାଯାଇଛି । କେନ୍ଦ୍ରୀୟ ଗୁପ୍ତଚର ବିଭାଗ ଗୋପନୀୟ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ, ଏମାନଙ୍କୁ ରବିବାର ରାତିରେ ଗିରଫ କରିଛି । ଏମାନଙ୍କୁ ପ୍ରଥମେ ହେପାଜତକୁ ନିଆଯାଇଥିଲା ଏବଂ ପଚରାଉଚରା ପରେ ଗିରଫ କରାଯାଇଛି । ଅଧିକ ପଚରା ଉଚରା ପାଇଁ ତିନିଜଣଙ୍କୁ ଦିଲ୍ଲୀକୁ ନିଆଯାଇଛି । ସୂତ୍ର ଅନୁସାରେ, ଗୁପ୍ତଚର ଏଜେନ୍ସି ସୂଚନା ପାଇଥିଲା ଯେ, ଆଇଏସଆଇଏସର କିଛି ସନ୍ଦିଗ୍ଧ ସଦସ୍ୟ କୋଲକାତାରେ ଲୁଚିଛନ୍ତି ଏବଂ ସେମାନେ ସିଧାସଳଖ ସିରିୟା ସହିତ ଯୋଗାଯୋଗ ରଖିଛନ୍ତି । ଏହି ସୂଚନା ଆଧାରରେ ଦିଲ୍ଲୀରୁ ଆସିଥିବା ଏକ ଟିମ୍ କସ୍ବାର ରାଜଡାଙ୍ଗା ଅଞ୍ଚଳରେ ଅବସ୍ଥିତ ଏକ ଫ୍ଲାଟରେ ରେଡ୍ କରିଥିଲେ । ସେଠାରେ ଥିବା ତିନି ଯୁବକ ନିଜକୁ ଆଇଟି ପେଶାଜୀବୀ ବୋଲି କହିଥିଲେ, କିନ୍ତୁ ତଦନ୍ତ ସମୟରେ ସନ୍ଦେହ ବଢ଼ିଥିଲା । ଫ୍ଲାଟ ତଲାସୀ ସମୟରେ ଏଜେନ୍ସିମାନେ ଦୁଇଟି ଲ୍ୟାପଟପ୍ ଜବତ କରିଥିଲେ, ଯେଉଁଥିରେ ଅନେକ ସନ୍ଦିଗ୍ଧ ଇଲେକ୍ଟ୍ରନିକ ଡକ୍ୟୁମେଣ୍ଟ ମିଳିଥିଲା ।

# ଇସ୍ରାଏଲକୁ ଇରାନ ସେନା ମୁଖ୍ୟଙ୍କ ନାଲି ଆଖି : କଡ଼ା ପ୍ରତିଶୋଧ ନେବାକୁ ହୁଙ୍କାର

- ■ଆମେରିକା ପରେ ଯୁଦ୍ଧରେ ରୁଷ ପଶିବା ନେଇ ବଢ଼ିଲା ଆଶଙ୍କା
- ■ରାଷ୍ଟ୍ରପତି ପୁଟିନଙ୍କୁ ଭେଟିଲେ ଇରାନ ବିଦେଶ ମନ୍ତ୍ରୀ
- ■ଆମେରିକା ଉପରେ ରାଗ ଶୁଝାଇବାକୁ ଇରାନର ପ୍ରସ୍ତୁତି



ନୂଆଦିଲ୍ଲୀ,୨୩/୬ : ଇସ୍ରାଏଲ-ଇରାନ ଯୁଦ୍ଧ ଭିତରେ ମନକୁ ଆସୁଥିବ କେଉଁ ଦେଶ ବେଶୀ ଶକ୍ତିଶାଳୀ ଇରାନକୁ କିଏ ସମର୍ଥନ ଦେଉଛନ୍ତି ଇସ୍ରାଏଲ ସହ କିଏ ଛିଡା ହୋଇଛନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ଯୁଦ୍ଧରେ ଦୁଇ ଦେଶ ସପକ୍ଷ ଓ ବିପକ୍ଷରେ ଦେଶ ରହିଛନ୍ତି । ରୁଷକୁ ୟୁକ୍ରେନ ଯେପରି ଚ୍ୟାଲେଂଜ ଦେଉଛି ଠିକ୍ ସେହିପରି ଇସ୍ରାଏଲ ଇରାନର ନିଦ ହଜେଇଲାଣି । ସେପଟେ ଯୁଦ୍ଧ ପାଇଁ ଚିନ୍ତାରେ ବିଶ୍ୱ । ଆଉ ଏହି ଚିନ୍ତାକୁ ଅଧିକ କରିଛି ଇରାନର ବଡ଼ ନିଷ୍ପତ୍ତି । ଷ୍ଟ୍ରେଟ ଅଫ ହରମୁଜ ବନ୍ଦ ପାଇଁ ଇରାନ ସଂସଦ ନିଷ୍ପତି ନେବା ପରେ ଦୁନିଆରେ ଚହଳ ପଡିଲାଣି ।ବିଶ୍ୱର ଅର୍ଥନୀତି ଦୋହଲିବା ସମ୍ଭାବନା ଏଥିପାଇଁ ବଢ଼ିବ କାରଣ ଏହି ସମୁଦ୍ରପଥ ଦେଇ ବିଶ୍ୱକୁ ଇରାନ ଅଶୋଧିତ ତୈଳ ଓ ଗ୍ୟାସ ରପ୍ତାନୀ କରେ । ନବମ ଦିନରେ ଯୁଦ୍ଧରେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଜୋରଦାର କରିଛି । ଇସ୍ରାଏଲ ବାୟୁସେନା ଇରାନର ସାମରିକ ଘାଟିକୁ ଟାର୍ଗେଟ କରି ଛାରଖାର କରିଛି । ସେପଟେ ଜେନେଭାରେ ୟୁରୋପୀୟ ବୈଦେଶିକ ମନ୍ତ୍ରୀ ଏବଂ ଇରାନ ଅଧିକାରୀଙ୍କ ବୈଠକରେ ବାହାରିପାରିନି ନିଷ୍କର୍ଷ । ଇରାନ ଦୋହରାଇଛି ଇସ୍ରାଏଲ ଇରାନରେ ଆକ୍ରମଣ ଜାରି ରଖିଲେ ଆଲୋଚନା ହେବ ନାହିଁ । ନବମ ଦିନରେ ଜାରି ରହିଛି ଇରାନ-ଇସ୍ରାଏଲ ଯୁଦ୍ଧ । ଉଭୟ ଦେଶ ପରସ୍ପର ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରୁଛନ୍ତି । ଦୁଇ ଦେଶରେ ଅନେକ କ୍ଷତି ହୋଇସାରିଲାଣି । ଯୁଦ୍ଧରେ ଶହଶହ ଲୋକ ପ୍ରାଣ ହରାଇଛନ୍ତି । ଇରାନର କୋମ୍ ଏବଂ ଇସ୍ଫାହାନ୍ ସହର ଉପରେ ଇସ୍ରାଏଲ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୪ ଜଣ ଆହତ ହୋଇଛନ୍ତି । ଗତ ୬୦ ଘଣ୍ଟା ଧରି ଇରାନରେ ଇଣ୍ଟରନେଟ୍ ସେବା ପ୍ରାୟ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ଇଣ୍ଟରନେଟ୍ ମନିଟରିଂ ସଂଗଠନ ନେଟବ୍ଲକ୍ସ ଏହି ସୂଚନା ଦେଇଛି । ଯୁଦ୍ଧ ବଢିବା ଫଳରେ ଇରାନର ଡର ଆମେରିକାକୁ , ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି କହିଛନ୍ତି , ଯଦି ଆମେରିକା ସିଧାସଳଖ ଇସ୍ରାଏଲ ସହିତ ଚାଲିଥିବା ଯୁଦ୍ଧରେ ଯୋଗଦିଏ, ତେବେ ସମଗ୍ର ବିଶ୍ୱ ପାଇଁ ବହୁତ ବିପଦପୂର୍ଣ୍ଣ ପ୍ରମାଣିତ ହୋଇପାରେ । ବୈଦେଶିକ ମନ୍ତ୍ରୀ ଆବାସ୍ ଆରାକଚି ଆମେରିକା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଆମେରିକା ଆଲୋଚନା କରିବାର ଅଭିନୟ କରୁଥିଲା । ଯେତେବେଳେ ବାସ୍ତବରେ ଏହା ଇସ୍ରାଏଲ ଆକ୍ରମଣକୁ ଲୁଚାଉଥିଲା । ଇରାନ ଆଉ ଆମେରିକାକୁ ବିଶ୍ୱାସ କରେନାହିଁ ବୋଲି ଇରାନ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

▶▶ପୃଷ୍ଠା ୭

## ଲଭର୍ସ ପଏଣ୍ଟ ପାଇଁ ଚିନ୍ତାରେ ସରକାର : ସୁରକ୍ଷା ଦେବାକୁ ବୈଠକ ପରେ ବୈଠକ

ଭୁବନେଶ୍ୱର, ୨୩/୬ (ନି.ପ୍ର): ଗୋପାଳପୁର ଗଣଦୁଷ୍କର୍ମ ପରେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ରାଜ୍ୟ ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇଛି । ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଥିବା ଲଭର୍ସ ପଏଣ୍ଟରେ ଯୁବତୀଙ୍କୁ ସଫ୍ଟ ଟାର୍ଗେଟ କରୁଛନ୍ତି ଦୁର୍ବୃତ୍ତ । ତେଣୁ ରାଜ୍ୟରେ ଥିବା ସବୁ ଲଭର୍ସ ପଏଣ୍ଟକୁ ସୁରକ୍ଷା ଯୋଗାଇଦେବା ଲାଗି ସରକାର ଦୁଇ ଦୁଇ ଥର ବୈଠକ କରିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା । ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଯେତେ ପର୍ଯ୍ୟଟନ ସ୍ଥଳୀ ଅଛି, ଯେଉଁଠି ସବୁ ଲଭର୍ସ ପଏଣ୍ଟ ଅଛି, ତାହାର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ ଦୁଇଥର ବୈଠକ ମଧ ବସିସାରିଛି । ରାଜ୍ୟରେ ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡିକରେ ଲଭର୍ସ ପଏଣ୍ଟ ରହିଛି । ତେଣୁ ବ୍ୟକ୍ତିଗତ ସମୟ କାଟିବା ପାଇଁ ପ୍ରେମୀଯୁଗଳ ଏହି ଲଭର୍ସ ପଏଣ୍ଟକୁ ଆସିଥାନ୍ତି । କିନ୍ତୁ ଅଧିକାଂଶ ଲଭର୍ସ ପଏଣ୍ଟରେ ପର୍ଯ୍ୟାପ୍ତ ସୁରକ୍ଷା ନାହିଁ । ଆଲୋକୀକରଣର ବ୍ୟବସ୍ଥା ବି ନାହିଁ । ପୁଲିସ୍ ପାଟ୍ରୋଲିଂ ହେଉନାହିଁ । ପୁଲିସ ଆଉଟ୍‌ପୋଷ୍ଟରେ ସୁରକ୍ଷାକର୍ମୀ ନାହାନ୍ତି । ଫଳରେ ଏଠାରେ ଅସାମାଜିକ ଲୋକଙ୍କ ଭୟ ଅଧିକ ରହୁଛି ।

▶▶ପୃଷ୍ଠା ୭

## ୨୫ରେ ସୃଷ୍ଟି ହେଇପାରେ ଘୂର୍ଣ୍ଣିବଳୟ !

ଭୁବନେଶ୍ୱର, ୨୩/୬ (ନି.ପ୍ର): ୨୫ରେ ସୃଷ୍ଟି ହେଇପାରେ ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ବଢ଼ିପାରେ ବର୍ଷା । ବାଲେଶ୍ୱରରେ ବନ୍ୟା ଆଶଙ୍କା ଭିତରେ ଆସିଲା ବଡ଼ ବର୍ଷା । ୨୫ ଜୁନ୍ ପାଖାପାଖି ପଶ୍ଚିମବଙ୍ଗ ଏବଂ ଆଖପାଖ ଅଞ୍ଚଳ ଉପରେ ଏକ ବାୟୁମଣ୍ଡଳ ସ୍ତରୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଯାହାର ପ୍ରଭାବରେ ଲଘୁଚାପ ସୃଷ୍ଟି ହେଇପାରେ । ଉତ୍ତର ଓଡ଼ିଶାରେ ରହିଛି ବଡ଼ ବର୍ଷା । ଏଥିପାଇଁ ଉତ୍ତର ଓଡ଼ିଶାରେ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ୨୫ରୁ ୨୬ଜୁନ ମଧ୍ୟରେ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ୨୬ରୁ ୨୭ ଜୁନ୍ ମଧ୍ୟରେ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଯାଇଛି ।

▶▶ପୃଷ୍ଠା ୭

## ଅଭିଯୁକ୍ତଙ୍କ ଫୋନ୍‌ରେ ଦୁଷ୍କର୍ମ ବେଳର ଚିତ୍ର: ଦେଢ଼ଘଣ୍ଟା ଧରି କ୍ରାଇମସିନ୍‌ରେ ଥିଲେ ଅଭିଯୁକ୍ତ



ଭୁବନେଶ୍ୱର, ୨୩/୬ (ନି.ପ୍ର): ସାମନାକୁ ଆସିଲା ଗୋପାଳପୁର ଗଣଦୁଷ୍କର୍ମର ସାଙ୍ଘାତିକ ତଥ୍ୟ । ବେଳାଭୂମିରେ ଯୁବତୀଙ୍କୁ ଦୁଷ୍କର୍ମ ବେଳେ, ଭିଡିଓ ରେକର୍ଡିଂ କରିଥିଲେ ଅଭିଯୁକ୍ତ । କ୍ରାଇମ୍ ଏଗେନଷ୍ଟ ଓମେନ୍ ଟିମ୍ ଏହି ତଥ୍ୟ ହାସଲ ପରେ, ଅଭିଯୁକ୍ତଙ୍କ ଫୋନ୍ ଜବତ କରିଛି । ଘଟଣା ପରେ ଅଭିଯୁକ୍ତମାନେ ସେମାନଙ୍କ ଫୋନରୁ ପ୍ରମାଣ ନଷ୍ଟ କରିଥିବା ଅନୁମାନ କରାଯାଉଛି । ସମସ୍ତ ଅଭିଯୁକ୍ତ ବେଳାଭୂମିକୁ ଯିବା ଆସିବା ବେଳର ଚିତ୍ର ସିସିଟିଭିରେ ଜଳ ଜଳ ହୋଇ ଦେଖାଯାଇଛି । ଏହି ଦେଢ଼ ଘଣ୍ଟା ଭିତରେ ସେମାନେ କ୍ରାଇମସିନରେ ଥିଲେ । ତେବେ ଏତେ ସମୟ ଧରି କ୍ରାଇମସିନରେ କ'ଣ କରୁଥିଲେ ସେନେଇ ଯାଞ୍ଚ କରିଛି ସି.ଏ.ଡବ୍ଲ୍ୟୁ ଟିମ୍ । ୧୦ ସଇତାନଙ୍କ ଫୋନରୁ ଡିଜିଟାଲ୍ ଏଭିଡେନ୍ସ ଖୋଜିବାକୁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ନିର୍ଦ୍ଦେଶ ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି । ଡାଇରେକ୍ଟ ଏଭିଡେନ୍ସ ଓ ଡିଜିଟାଲ୍ ଏଭିଡେନ୍ସ ପାଇଁ ଘଟଣାସ୍ଥଳରେ ଡେରା ପକାଇଛନ୍ତି ଆଇଜି ଏସ୍.ସାଇନି । ହାତରେ ୪୫ ଦିନ ରହିଥିବାରୁ ଯେକୌଣସି ମୁହୂର୍ତ୍ତରେ ୧୦ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିପାରେ ଟିମ୍ । ପାଳି ପାଳି କରି ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ସତ ଉଗାରିବାକୁ ବି ପ୍ରୟାସ ଚାଲିଛି ।

▶▶ପୃଷ୍ଠା ୭

## କମୁଛି ସୁବର୍ଣ୍ଣରେଖା ପାଣି: ଥମୁନି ବନ୍ୟା ପୀଡ଼ିତଙ୍କ ଦୁଃଖ



ବାଲେଶ୍ୱର, ୨୩/୬ (ନି.ପ୍ର): ବାଲେଶ୍ୱର ବନ୍ୟାକୁ ବିତିଲାଣି ୪ ଦିନ । ସୁବର୍ଣ୍ଣରେଖା ନଦୀରେ ବି ଜଳସ୍ତର ବି କମିଲାଣି । କିନ୍ତୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ଏଯାଏ ପାଣି କମୁନି କି ଲୋକଙ୍କ ଦୁର୍ଦ୍ଦଶା ଥମୁନି । ଆଜି ବି ବାଲିଆପାଳ ଓ ଭୋଗରାଇ ବ୍ଲକର ୨୦ରୁ ଅଧିକ ଗାଁକୁ ଘେରାବନ୍ଦୀ କରି ରଖିଛି ବନ୍ୟା ଜଳ । ଆଜି ବି ଗାଁ ଦାଣ୍ଡରେ ଲହଡ଼ି ଭାଙ୍ଗୁଛି ଅଣ୍ଟାଏ ଉଚ୍ଚର ପାଣି । ଏପଟେ ଲଗାତର ୪ ଦିନ ଧରି ବନ୍ୟା ଘେରରେ ରହିବା ପରେ କିଛି ପ୍ରଭାବିତଙ୍କ ପାଖରେ ଏଯାଏଁ ରିଲିଫ୍ ସାମଗ୍ରୀ ପହଞ୍ଚିନଥିବାରୁ ଭୋକ ଓପାସରେ ଦିନ କାଟୁଛନ୍ତି ଅନେକ ବନ୍ୟା ଦୁର୍ଗତ । ଓଃ କି ଦୁଃଖ, କି ଦୁର୍ଦ୍ଦଶା । ନା ଦେଖି ହେଉଛି, ନା ଦେଖିଲେ ସହି ହେଉଛି । ଦୀର୍ଘ ୪ ଦିନ ଧରି ବନ୍ୟା ଘେରରେ ରହିବା ପରେ ଏକପ୍ରକାର ଆକ୍ତାମାକ୍ତା ବନ୍ୟା ଦୁର୍ଗତ । ସୁବର୍ଣ୍ଣରେଖା ନଦୀରେ ଅଚାନକ ବନ୍ୟା ଆସିବା ପରେ ଶୁକ୍ରବାର ରାତିରେ ବୁଡ଼ି ଯାଇଥିଲା ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକର ୫୦ରୁ ଅଧିକ ଗାଁ । ଏବେ ସୁବର୍ଣ୍ଣରେଖାର କରାଳ ରୂପ ବଦଳିଛି । କିନ୍ତୁ ପ୍ରଭାବିତ ଅଞ୍ଚଳରେ ଥମିନି ପାଣି, କି ସୁଧୁରିନି ଲୋକଙ୍କ ସମସ୍ୟା ।

▶▶ପୃଷ୍ଠା ୭

## ବିଜାପୁରରେ ବିସ୍ଫୋରକ ଜବତ: ୫ ନକ୍ସଲ ଗିରଫ

ବିଜାପୁର, ୨୩/୬ (ନି.ପ୍ର): ଗତ ଏକ ସପ୍ତାହ ମଧ୍ୟରେ ନକ୍ସଲମାନେ ଜଣେ ନାବାଳକ ଛାତ୍ର ସମେତ ପାଂଚ ଜଣ ଗ୍ରାମାଚଂଳ ଯୁବକଙ୍କୁ ହତ୍ୟା କରିବା ପରେ ଜିଲ୍ଲାରେ ଏକ ନକ୍ସଲ ବିରୋଧୀ ଅଭିଯାନ ଚାଲିଛି । ଯାହା ଅନ୍ତର୍ଗତ ତିନୋଟି ଥାନା ଅଂଚଳ ମଦେଡ଼, ଗଙ୍ଗାଲୁର ଏବଂ ଜାଙ୍ଗଲାରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ମୋଟ୍ ୫ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି । ଏହି ନକ୍ସଲମାନଙ୍କ ଠାରୁ ବିସ୍ଫୋରକ ସାମଗ୍ରୀ, ନକ୍ସଲ ପୋଷାକ, ବ୍ୟାକପ୍ୟାକ୍, ନକ୍ସଲ ସାହିତ୍ୟ ଏବଂ ଦୈନନ୍ଦିନ

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ହେବ ସାଇନ୍ସ ସିଟି

ଭୁବନେଶ୍ୱର, ୨୩/୬ (ନି.ପ୍ର): ଭୁବନେଶ୍ୱରରେ ହେବ ସାଇନ୍ସ ସିଟି । ସେଥିପାଇଁ ମୁଖ୍ୟମନ୍ତ୍ରୀ ୧୦୦ ଏକ ଜାଗା ମଞ୍ଜୁର କରିଛନ୍ତି । ସାଇନ୍ସ ସିଟି ପାଇଁ ଯାହା ଅର୍ଥ ଦରକାର ତାହା ଦିଆଯିବ । ସାଇନ୍ସ ସିଟିର ଆବଶ୍ୟକତା ଅଛି । ସାଇନ୍ସ ସିଟି ଦ୍ୱାରା ଛାତ୍ରଛାତ୍ରୀ ଓ ସାଧାରଣ ଜନତା ମାନେ ନୂଆନୂଆ ତଥ୍ୟ ଜାଣିବେ । ଏହା ସହ ବାୟୋ ଟେକ୍ନୋଲୋଜିର ଡେଭଲପମେଣ୍ଟ ହେବା ଦରକାର ।

▶▶ପୃଷ୍ଠା ୭

## ଯୁବଶକ୍ତି ଆମ ବିକାଶ ରଥର ସାରଥି: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୩/୬ (ନି.ପ୍ର): ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସିଛି । ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି । ମାନନୀୟ ପ୍ରଧାନମନ୍ତ୍ରୀ ଏବେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ଉନ୍ମୋଚନ କରିଛନ୍ତି । ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରିଣତ ହେବ । ଏଥିପାଇଁ ଆମେ ୩୬ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ । ଏହି ସବୁ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ତାର ଲକ୍ଷ୍ୟ ହାସଲ କରିବ ଏବଂ ଏଥିରେ ଆପଣ ମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି କହିଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ୫,୫୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଯୁବଶକ୍ତି ହେଉଛନ୍ତି ଆମ ବିକାଶ ରଥର ସାରଥି । ଯୁବଶକ୍ତିଙ୍କ ମଧ୍ୟରେ ଥିବା ଶକ୍ତି, ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ କରିବା ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ । ସେଥିପାଇଁ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱ ଦେଇ ସେମାନଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି କରୁଛନ୍ତି । ଯୁବବର୍ଗ ହେଉଛନ୍ତି ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ । ଆପଣମାନେ ହେଉଛନ୍ତି ଅସିମୀତ ଶକ୍ତିର ଭଣ୍ଡାର, ଆଜି ଯୁବଶକ୍ତି ସମାବେଶ ଅବସରରେ ରାଜ୍ୟର ଯୁବଶକ୍ତିଙ୍କୁ ମୋର ଶୁଭେଚ୍ଛା ଏବଂ ଅଭିନନ୍ଦନ ।

▶▶ପୃଷ୍ଠା ୭

## ରାଜ୍ୟପାଳଙ୍କ ଉଦ୍‌ବେଗ: ୯୫ ପ୍ରତିଶତ ଲୋକେ ଜାଣିନାହାନ୍ତି ସରକାରୀ ଯୋଜନା



ଭୁବନେଶ୍ୱର, ୨୩/୬ (ନି.ପ୍ର): ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ମତାମତ ଦେଇ, ଓଡ଼ିଶା ରାଜ୍ୟପାଳ ହରି ବାବୁ କମ୍ଭମପତି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ରାଜ୍ୟ ସରକାରୀ ଅଧିକାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବା ନେଇ ନିରାଶା ପ୍ରକାଶ କରିଛନ୍ତି । ସୋମବାର ଦିନ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶାର ରାଜ୍ୟପାଳ କହିଥିଲେ ଯେ, ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସେ ଦେଖିଛନ୍ତି, କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନା ବିଷୟରେ ପଚରାଯିବା ସମୟରେ ଅଧିକାଂଶ ଅଧିକାରୀ ଉତ୍ତର ଦେଇପାରିଲେ ନାହିଁ କିମ୍ବା କୌଣସି ବିବରଣୀ ଦେଇପାରିଲେ ନାହିଁ । ଏହା ପ୍ରଶାସନିକ କଳ ମଧ୍ୟରେ ଏକ ଗମ୍ଭୀର ସୂଚନା ବ୍ୟବଧାନ ଥିବା ପ୍ରତିଫଳିତ କରିବା ସହିତ, ଏହା ମଧ୍ୟ ସୂଚିତ କରେ ଯେ, କାହିଁକି ଯୋଗ୍ୟ ଜନସଂଖ୍ୟାର ଅଧିକାଂଶ ଲୋକ ଏହି ସୁବିଧା ସୁଯୋଗ ପରିସର ବାହାରେ ରହିଛନ୍ତି । ତଥ୍ୟ ଉଦ୍ଧୃତ କରି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି, କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଓଡ଼ିଶାର ପ୍ରାୟ ୯୫% ଲୋକ ଏପର୍ଯ୍ୟନ୍ତ ଅଜ୍ଞ । ରାଜ୍ୟପାଳ କହିଛନ୍ତି, ଯେଉଁମାନଙ୍କର କିଛି ଜ୍ଞାନ ଅଛି, ସେମାନଙ୍କ ମଧ୍ୟରୁ ବହୁତ କମ୍ ଲୋକ ଏହି ସୁବିଧାଗୁଡ଼ିକର ପଞ୍ଜିକରଣ କରିଛନ୍ତି କିମ୍ବା ଉପଭୋଗ କରୁଛନ୍ତି । ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି, ଏହି ଯୋଜନାଗୁଡ଼ିକ ମଧ୍ୟରୁ ଅନେକ, ବିଶେଷକରି ବୀମା, ପେନସନ ଏବଂ ଆର୍ଥିକ ସୁରକ୍ଷା ସହିତ ଜଡିତ, ସର୍ବନିମ୍ନ ପ୍ରିମିୟମ୍ ଯୋଗଦାନ ଆବଶ୍ୟକ କରେ । ତଥାପି, ଦୁର୍ବଳ ସଚେତନତା ଏବଂ ଅପର୍ଯ୍ୟାପ୍ତ ପ୍ରଚାର ଯୋଗୁ, ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । ସେ ଜନସାଧାରଣଙ୍କୁ ଅଧିକ ସୂଚନାପ୍ରଦ ଏବଂ ସକ୍ରିୟ ହେବାକୁ ଆହ୍ୱାନ କରିଛନ୍ତି ତଥା ତୃଣମୂଳ ସ୍ତରରେ ସୂଚନାର ଉତ୍ତମ ପ୍ରସାର ସୁନିଶ୍ଚିତ କରିବାକୁ ପ୍ରଶାସନକୁ ଆହ୍ୱାନ କରିଛନ୍ତି । ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ, ସାଇବର ସୁରକ୍ଷା ଏକ ବର୍ଦ୍ଧିତ ଚ୍ୟାଲେଞ୍ଜ ଭାବରେ ଉଭା ହୋଇଛି । ନାଗରିକମାନଙ୍କୁ ଡିଜିଟାଲ୍ ବିପଦ ବିଷୟରେ ସତର୍କ ଏବଂ ଅବଗତ ରହିବା ଆବଶ୍ୟକ । ରାଜ୍ୟପାଳ ଅଧିକ ସତର୍କତା ଏବଂ ଡିଜିଟାଲ୍ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ବିଶେଷକରି ସରକାରୀ ଯୋଜନା ଏବଂ ସେବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର ବୃଦ୍ଧି ପାଉଥିବାରୁ ଏନେଇ ସଭିଏଁ ସତର୍କ ହେବା ଜରୁରୀ ବୋଲି ସେ କହିଛନ୍ତି । ଓଡ଼ିଶାର ଅନେକ ଲୋକ ଉପଲବ୍ଧ ଯୋଜନାଗୁଡ଼ିକ ବିଷୟରେ ଜାଣନ୍ତି ନାହିଁ, ଯଦିଓ ସେମାନେ ସଚେତନ ଅଛନ୍ତି, ସେମାନେ ଯୋଜନାଗୁଡ଼ିକରେ କିପରି ଯୋଗଦେବେ ତାହା ଜାଣନ୍ତି ନାହିଁ । ମୁଁ ଏହାର କାରଣ ଜାଣି ପାରୁନାହିଁ ।

▶▶ପୃଷ୍ଠା ୭

## ବଡ଼ବିଲରେ କଂଗ୍ରେସ ସମ୍ମିଳନୀ

କେନ୍ଦୁଝର, ୨୩/୬ (ନି.ପ୍ର): ଆଜି ବଡବିଲ କଂଗ୍ରେସ କମିଟି ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠାନ କରାଯାଇ ଥିଲା। ବଡବିଲ ନଗର କଂଗ୍ରେସ କମିଟି ସଭାପତି ଅମିତ କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ ଶତାଧିକ କଗ୍ରେସ କର୍ମୀ ଏବଂ ସମର୍ଥକ ମାନେ ଯୋଗ ଦେଇ ଥିଲେ । କଂଗେସ କିପରି ଖଣି ଅଂଚଳରେ ମଜବୁତ୍ ହେବା ସହ ସାଧାରଣ ଜନତା ଙ୍କ ଅଧିକାର ପାଇଁ ଏବଂ ମୌଳିକ ସୁବିଧା ପାଇଁ କଂଗ୍ରେସ ଦଳ ସ୍ୱର ଉତୋଳନ କରିବ।ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ପୁର୍ବତନ ସାଂସଦ ଏବଂ ଚମ୍ପୁଆ ନିର୍ବାଚନ ବିଧାୟକ ପ୍ରାର୍ଥୀ ଯଶବନ୍ତ ନାରାୟଣ ସିଂ ଲାଗୁରୀ ଯୋଗ ଦେଇଥିଲେ। ଏହା ସହିତ କେନ୍ଦୁଝର ଜିଲ୍ଲା ପଛୁଆ ବର୍ଗ ଚେୟାରମେନ ଯଦୁମଣି ବାରିକ, ପିସିସି ମେମ୍ବର ଅଶୋକ ଥକ୍କର, କେନ୍ଦୁଝର କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଜୟ କୁମାର ସ୍ୱାଇଁ, ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗିରିପ୍ରୀୟ ଉମାକାନ୍ତ ସାହୁ, ଜିଲ୍ଲା ଇଂଟାକ୍ ସଭାପତି ଜିଆଉଲ୍ଲା ଖାନ୍, ବରିଷ୍ଠ କର୍ମୀ ଦୟାନିଧି ମହାପାତ୍ର ଯୋଗ ଦେଇଥିଲେ ।

## ରଥଯାତ୍ରରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ୨୪ ଘଂଟିଆ ସେବା

ପୁରୀ, ୨୩/୬ (ନି.ପ୍ର): ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ୩୦ଜଣ ସ୍ୱେଚ୍ଛାସ୍ୱେୀଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ରଥଯାତ୍ରରେ ଶିଶୁ ମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ନିଷ୍ପତି ହୋଇଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ କାର୍ଯ୍ୟ କରିବ। ଏହା ସହିତ ଚାଇଲଡ ହେଲ୍ପ ଲାଇନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତା ମାନେ ସ୍ଥିତି ଉପରେ ନିରନ୍ତର ନଜର ରଖିବେ ଓ ଶିଶୁ ମାନଙ୍କ ସୁରକ୍ଷା କୁ ନିଷ୍ପତି କରିବେ। ପୂର୍ବ ବର୍ଷ ଭଳି ଶିଶୁ ମାନଙ୍କ ସୁବିଧା ନିମିତ ଶିଶୁ ସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରାଯାଇଛି ଓ ଅନଲାଇନ ଉପସ୍ଥାପନା ନିମନ୍ତେ ନିଷ୍ପତି ହୋଇଛି।

# ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପ୍ରସ୍ତୁତି

### ■ସମ୍ବଲପୁରୀ ଦିନ ବୁଣାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି
### ■ଗୁରୁ ସତ୍ୟନାରାୟଣଙ୍କୁ ସରକାର ଉଚିତ ସମ୍ମାନ ଦିଅନ୍ତୁ

ସମ୍ବଲପୁର, ୨୩/୬ (ନି.ପ୍ର): ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୦୧ ତାରିଖରେ। ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ଆଜି ସମ୍ବଲପୁରୀ ପାଇଁ ସାରା ଓଡିଶାବାସୀ ଗର୍ବ ଅନୁଭବ କରୁଛନ୍ତି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ତେବେ ଗୁରୁ ସତ୍ୟନାରାୟଣଙ୍କୁ ସରକାରୀ ସ୍ତରରେ ଯେଭଳି ସମ୍ମାନ ଦିଆଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରାଯାଇଥିଲା। ଏହାସହ ଗୁରୁ ବହିଦାରଙ୍କ ସ୍ମୃତିରେ ସମ୍ବଲପୁର ଜେଲ ଛକ ନିକଟରେ ସ୍ଥାପିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଦର୍ଶନ ଏବଂ ଗୁରୁଙ୍କ ସ୍ମୃତି ରକ୍ଷା ପାଇଁ ବିକାଶ କରାଯିବାକୁ ବୈଠକରେ ଦାବି କରାଯାଇଥିଲା। ଏନେଇ ଏକ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଜଣାଇବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହାସହ ଡେରା ପରିସରରେ ସମ୍ବଲପୁରୀ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ବିକ୍ରୟ ସହ ସମ୍ବଲପୁରୀ ପୁସ୍ତକାଳୟ ଏବଂ ସମ୍ବଲପୁରୀ ସଂସ୍କୃତିର ସଂଗ୍ରହାଳୟ ପାଇଁ ବହୁତଳ ପ୍ରସାଦ ନିର୍ମାଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା। ୨୦୧୩ ମସିହାରେ ପଶ୍ଚିମାଂଚଳ ଏକତା ମଂଚର ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷ ଠାରୁ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ ପାଳନ କରାଯାଇ ଆସୁଛି। ସମ୍ବଲପୁରୀ ଦିନ ପାଳନ ପରଠାରୁ ସମ୍ବଲପୁରୀ କପଡାର ଚାହିଦା ବହୁମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବହୁ ସଙ୍ଗଠନ ଆଗଭର ହୋଇଛନ୍ତି। ସମ୍ବଲପୁରୀ ଦିନ ଏବେ ଆର୍ନ୍ତଜାତୀୟ ସ୍ତରକୁ ପହଂଚି ସାରିଥିବା ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ କହିଥିଲେ। ସମ୍ବଲପୁରୀ ଦିନରେ ଲୋକ ନିହାତି ନୁଆଁ ସମ୍ବଲପୁରୀ କପଡା ପିନ୍ଧୁ ଥିବାରୁ ବୁଣାକାର ମାନେ ଲାଭବାନ ହୋଇ ପାରୁଛନ୍ତି। ଯାହାଦ୍ୱାରା ପ୍ରତିବର୍ଷ ସମ୍ବଲପୁରୀ ଦିନର ଆକର୍ଷଣ ବୃଦ୍ଧି ପାଇବା ସହ କୋଟି କୋଟି ଟଙ୍କାର ସମ୍ବଲପୁରୀ କପଡା ବିକ୍ରୀ ହୋଇ ପାରୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରସ୍ତୁତି ବୈଠକରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ଆୟୋଜନ ହେଉଥିବା ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏଥିପାଇଁ ସମ୍ବଲପୁରୀ ସଙ୍ଗଠନ ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଗଠନ କରାଯାଇଥିବା ସମ୍ବଲପୁରୀ ମଚାନକୁ ସୁଦୃଢ କରିବା ପାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ପଙ୍କଜିନୀ ବୈଠାରୁ, ଲଳିତା ଭୋଇ, ଝୁନୁ ତ୍ରିପାଠୀ, ସୁଷମା ପ୍ରଧାନ, ଅଲକା ମହାପାତ୍ର, ଭୂମିସୁତା ମେହେର, ରାହୁଲ ଗୁପ୍ତା, ଅମିତାଭ ମାଝୀ, ସୁବୋଧ କୁମାର ଦୋରା, ପ୍ରଥମ କୁମାର ପଣ୍ଡା, ଭବାନୀ ଶଙ୍କର ମେହେର, ଦଶରଥ ମେହେର, ରାମଦାସ ପଣ୍ଡା ପ୍ରମୁଖ ସାମିଲ ରହିଥିଲେ।

## ମଣ୍ଡିରୁ ଉଠୁନି ଧାନ: ବର୍ଷାରେ ଓଦା ହୋଇ ଗଜା ହେବାକୁ ବସିଲାଣି

ସୁବର୍ଣ୍ଣପୁର, ୨୩/୬ (ନି.ପ୍ର): ଅଦିନିଆ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲ୍ଲା ଚାଷୀଙ୍କ ଅମଳ ପ୍ରଭାବିତ ହୋଇଛି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ ଖୋଲା ଆକାଶତଳେ ରହିଥିବା ବେଳେ ବର୍ଷା କାରଣରୁ କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାର ବିଭନ୍ନ ବ୍ଲକର ଧାନ କ୍ରୟକେନ୍ଦ୍ରରେ ଚାଷୀଙ୍କୁ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡ଼ିଛି। ଦୀର୍ଘଦିନ ହେଲା ବିକ୍ରି ପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣିଥିବା ସତ୍ୱେ ତାକୁ କ୍ରୟ କରାଯାଇ ନଥିବା ଯୋଗୁ ଅଦିନିଆଁ ବର୍ଷାରେ ମଣ୍ଡିରେ ବିକ୍ରି ପାଇଁ ରହିଥବା ଧାନ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମଣ୍ଡିରୁ ଧାନ ଉଠୁନଥିବା ବେଳେ ସେପଟେ ବର୍ଷାରେ ଭିଜି ଗଜା ହେଲାଣି ଚାଷୀଙ୍କ ଧାନ। ତେବେ ଏନେଇ ବାରମ୍ବାର ପେକ୍ସ କର୍ତୃପକ୍ଷ ଏବଂ ପ୍ରଶାସନକୁ ଗୁହାରୀ କଲାପରେ ବି ଚାଷୀଙ୍କ ଦୁଃଖକୁ କେହି ବୁଝୁନଥିବାରୁ ଶେଷରେ କ୍ଷତିଗ୍ରସ୍ତ ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରାଓ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ଏବେ ଏଭଳି ଅବସ୍ଥା ହୋଇଥିବାବେଳେ ଆଜି ବିଭିନ୍ନ ମଣ୍ଡିର ଚାଷୀ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଂଚି କାର୍ଯ୍ୟାଳୟ ଘେରିବା ସହ ପାଟିତୁଣ୍ଡ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ମଧ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ପହଂଚି ଚାଷୀଙ୍କୁ ବୁଝାସୁଝା କରିଥିଲା। ସେପଟେ ତୁରନ୍ତ ମଣ୍ଡିଗୁଡିକରେ ପଡିଥିବା ଧାନକୁ ନ ଉଠେଇଲେ ଚାଷୀମାନେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି।

# ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର, ୨୩/୬ (ନି.ପ୍ର): ସ୍ଥାନୀୟ ହୋଟେଲ ପାର୍କ ଲ୍ୟାଣ୍ଡ ଠାରେ ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗୀରର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ହରିନାରାୟଣ ପୂଜାରୀଙ୍କ ଆବାହକତ୍ୱ ଓ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକ ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟମାନଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଥମେ ଜିଲ୍ଲାର ଦିବଂଗତ କ୍ରୀଡାବିତ ଶରତ ଚନ୍ଦ୍ର ଦିକ୍ଷିତ ଓ ସୁକାନ୍ତ ପାଣିଗ୍ରାହୀଙ୍କ ଆତ୍ମା ସଦଗତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ସାଧାରଣ ସଂପାଦକ ଶ୍ରୀ ପୂଜାରୀ ୨୦୨୪-୨୫ ବାର୍ଷିକ ବିବରଣୀ ଓ ଆୟବ୍ୟୟର ଅଡିଟ ରିପୋର୍ଟ ଓ ସର୍ବ ସମ୍ମତିରେ ଏହା ଗୃହୀତ ତଥା ୨୦୨୫-୨୬ ପାଇଁ ପ୍ରସ୍ତୁତ ବଜେଟ ଉପସ୍ଥାପନ କରିଥିଲେ ଓ ସର୍ବ ସମ୍ମତିରେ ଗୃହୀତ ହେଲା। ବିଶେଷତଃ ଆଗାମୀ ଜୁଲାଇରେ ହେବାକୁ ଥିବା ସାହାଣୀ କପ୍ ଫୁଟଲ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିବା ସକାଶେ ବଲାଙ୍ଗୀର ଦଳ ଗଠନ ପାଇଁ ଖେଳାଳି ଚୟନ କୁ ଦୃଷ୍ଟିରେ ରଖି ତା.୨୮.୦୬.୨୦୨୫ ରେ ବଲାଙ୍ଗିର ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଂଟର ଆୟୋଜନ କରାଯିବା ପଉରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଯାଇଛି। ଗାନ୍ଧୀ ଷ୍ଟଡିୟମରେ ଭିତିଭୂମି ଓ କ୍ରୀଡା ର ବିକାଶ ଉପରେ ମଧ ସଭ୍ୟମାନେ ସେମାନଙ୍କ ପ୍ରସ୍ତାବ ରଖିଛନ୍ତି। ଏହି ବୈଠକରେ ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ, ଶତ୍ରୁଘ୍ନ ସିଂ, କୋଷାଧକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ଗ୍ରାମ୍ୟ କ୍ରୀଡା ଓ ଓମେନ ଫେଷ୍ଟିଭାଲ ସଂପାଦକ ସୁଧାଂଶୁ ସେଟ, ଭଲିବଲ ଓ ହକି ସଂପାଦକ ସଂଗ୍ରାମ କେଶରୀ ବହିଦାର, କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଭ୍ୟ ଦ୍ୱାରିକା ପଣ୍ଡା, ଶିଶିର ବହିଦାର, ପ୍ରଭାତ କୁମାର ମିଶ୍ର, ବିଜୟ ବନସଲ, ରମାକାନ୍ତ ସେଟ, ସୁଧୀର ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଓ ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁଗ୍ମ ସଂପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପର୍ଯ୍ୟସ୍ତ ଅବସ୍ଥାରେ ଧାମନଗର ଶିଶୁ ବିଭାଗ: ଶତାଧିକ ଅଙ୍ଗନବାଡ଼ି କେନ୍ଦ୍ରର ଘର ନାହିଁ

ଭଦ୍ରକ, ୨୩/୬ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକରେ ଶିଶୁ ବିକାଶ କାର୍ଯ୍ୟକ୍ରମ ବିପର୍ଯ୍ୟସ୍ତ ଅବସ୍ଥାରେ ଚାଲିଛି। ନା ଅଛି ଭିତିଭୂମି ନା ମିଳୁଛି ଆନୁସଙ୍ଗିକ ସୁବିଧା। ବ୍ଲକରେ ମୋଟ ୩୫୩ଟି ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତା ଭିତରୁ ୧୨୮ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ। ଏସବୁ ଅଙ୍ଗନବାଡ଼ି କାହା ଘରେ ତ କାହା ପିଣ୍ଡା ରେ ଚାଲିଛି। କିଛି ଅଙ୍ଗନବାଡ଼ି ର କର୍ମୀ ନିଜ ଘରେ ଚଲାଉଛନ୍ତି ତ କିଏ ଗାଁ ଠାକୁର ଘର ପିଣ୍ଡାରେ ପିଲାଙ୍କୁ ପଢ଼ାଉଛନ୍ତି। ସୁଚନା ଥାଉ କି ୧୭୬ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ରହିଛି। ବିଭିନ୍ନ ପଞ୍ଚାୟତରେ ୪୫ ଟି କେନ୍ଦ୍ର ନିର୍ମାଣାଧିନ ଅବସ୍ଥାରେ ଥିଲାବେଳେ ୪ ଟି ତିଆରି ସରିଥିଲେ ବି ବିଲ୍ ହୋଇନଥିବାରୁ ଠିକାଦାର ତାହାକୁ ହସ୍ତାନ୍ତର କରିନାହାନ୍ତି ଚାବି ପକାଇ ରଖିଛନ୍ତି। ବ୍ଲକରେ ଏବେ ୬ ଟି ଅଙ୍ଗନବାଡ଼ି କେନ୍ଦ୍ର ଭଡ଼ାଘରେ ଓ ୪୪ ଟି କେନ୍ଦ୍ର ସ୍କୁଲରେ ଚାଲିଛି। ବାକି ୧୨୭ଟି ଅଙ୍ଗନବାଡ଼ି କେନ୍ଦ୍ର ଗାଁରେ ଥିବା କମ୍ୟୁନିଟି ସେଂଟର ରେ କାର୍ଯ୍ୟ କରୁଛି। ଭଡ଼ାଘର ଓ କମ୍ୟୁନିଟି ସେଂଟର ରେ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଓ ପିଲାମାନେ ହଇରାଣ ହେଉଛନ୍ତି। ପିଇବା ପାଣିର ସୁବିଧା ନାହିଁ କି ଶୌଚାଳୟ ବ୍ୟବସ୍ଥା ନାହିଁ। ଏଣୁ ପିଲାଙ୍କୁ ରନ୍ଧା ଖାଦ୍ୟ ଦେବା କାଠିକର ପାଠ ହୋଇଯାଉଛି। ନିଜସ୍ୱ ଘର ନଥିବାରୁ ଟେକ୍ ହୋମ୍ ରାସନ ବା ଟିଏଚ୍ଆର ସାମଗ୍ରୀ ରଖିବାରେ ସମସ୍ୟା ଦେଖା ଦେଉଛି। ମାସକୁ ମାସ ଆସୁଥିବା ଚାଉଳ, ଛତୁଆ, ଅଣ୍ଡା ଓ ଲଡୁ ସାଇତି ରଖି ପାରୁନାହାନ୍ତି କର୍ମୀ। ଯାହାକୁ ନେଇ କର୍ମୀ ଓ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ମେ ମାସର ସୂଚନା ଅନୁସାରେ ୬ ମାସରୁ ୩ ବର୍ଷ ମଧ୍ୟରେ ୬୫୨୯, ୩ ବର୍ଷରୁ ୫ ବର୍ଷ ମଧ୍ୟରେ ୫୩୫୪ ଓ ୫ ବର୍ଷରୁ ୬ ବର୍ଷ ମଧ୍ୟରେ ୮୩୮ ଜଣ ଶିଶୁ ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଜୀକରଣ ହୋଇଛନ୍ତି। ଧାମନଗର ଅଂଚଳରେ ଏବେ ଝାଡ଼ାବାନ୍ତି ବ୍ୟାପିଥିବାରୁ ଘର ନଥିବା ଅଙ୍ଗନବାଡ଼ି କେନ୍ଦ୍ରର ପିଲାଙ୍କ ପାଇଁ ବିପଦ ରହିଛି। ଘର ନଥିବାରୁ ବିଶୁଦ୍ଧ ପାନୀୟ ଜଳର ସୁବିଧା ମଧ ନାହିଁ। ଏ ଦିଗରେ ଧାମନଗର ବିଧାୟକ ତଥା ରାଜ୍ୟ ସରକାର ଙ୍କ ଉଚ୍ଚଶିକ୍ଷା ତଥା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଦୃଷ୍ଟି ଦେବାସହ ଶିଶୁ ବିଭାଗ ର ବିଭିନ୍ନ ଅସୁବିଧାକୁ ପୂରଣ କରିବା ପାଇଁ ବିଭିନ୍ନ ମହଲ ରୁ ଦାବି ହୋଇଛି।

# ରିଲିଫ୍ ବଂଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କମିଟି ଗଠନ

ଭୁବନେଶ୍ୱର, ୨୩/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଂଚଳର ବନ୍ୟା ପ୍ଲାବିତ ଲୋକଙ୍କର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଂଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ଏ.ଆଇ.ସି.ସି. ସଦସ୍ୟ ଶ୍ରୀ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସହିତ ପିସିସିର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟିତ୍ୱରେ ଥିବା ଶ୍ରୀ ଦେବାଶିଷ ପଟ୍ଟନାୟକ ବନ୍ୟା ପ୍ଲାବିତ ଅଂଚଳକୁ ଗସ୍ତ କରିବେ ଓ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଯୋଗଦାନ କରିବେ । ନିମ୍ନଲିଖିତ କଂଗ୍ରେସ ନେତୃବର୍ଗ ଏହି କମିଟିର ସଦସ୍ୟ ଅଛନ୍ତି ତାହା ନିମ୍ନରେ ଉଲ୍ଲେଖ କରାଗଲା । ଶ୍ରୀ ନବଜ୍ୟୋତି ପଟ୍ଟନାୟକ- ଅଧ୍ୟକ୍ଷ, ସଂଜୀବ ଗିରି ,ସଦସ୍ୟ (ଜିଲ୍ଲା ସଭାପତି)। ଭୋଗରାଇ ବନ୍ୟା ପ୍ଲାବିତ ଅଂଚଳ ର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଂଟନ କାର୍ଯ୍ୟକ୍ରମ ପାଇଁ ଶ୍ରୀ ସତ୍ୟଶିବ ସୁନ୍ଦର ଦାସ, ଶ୍ରୀ ସନ୍ତୋଷ ଜେନା,ଶ୍ରୀମତୀ ମୀନାରାଣି ସୁର, ଶ୍ରୀମତୀ ମମତା ସାହୁ ସଦସ୍ୟ ରହିଛନ୍ତି।ସେହିପରି ବାଲିଆପାଳ ବନ୍ୟା ପ୍ଲାବିତ ଅଂଚଳ ର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଂଟନ କାର୍ଯ୍ୟକ୍ରମ ପାଇଁ ଶ୍ରୀ ବିଜନ ନାୟକ, ଶ୍ରୀ ଜଗନ୍ନାଥ ବିଶ୍ୱାଳ, ଶ୍ରୀମତୀ ରଞ୍ଜିତା ନାୟକ,ଶ୍ରୀ ବାବାଜି ଦେହୁରି,ଶ୍ରୀ ମୁରଲୀ ମନୋହର ସାହୁ ସଦସ୍ୟ ଭାବେ ରହିଛନ୍ତି। ଅନୁରୂପ ଭାବେ ଜଳେଶ୍ୱର ବନ୍ୟା ପ୍ଲାବିତ ଅଂଚଳ ର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଂଟନ କାର୍ଯ୍ୟକ୍ରମ ପାଇଁ ଶ୍ରୀ ସତ୍ୟ ଦାସ,ଶ୍ରୀ ଦେବିଚାନ୍ଦ, ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା, ଶ୍ରୀ ଗିରିଜା ଶଙ୍କର ଦାସ, ଶ୍ରୀ ରାଜୀବ ପରିଡା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି।

## ପିକପ୍‌ଭ୍ୟାନ ଧକ୍କାରେ ଆମ୍ବୁଲାନ୍ସ କର୍ମଚାରୀ ଗୁରୁତର: କଟକ ସ୍ଥାନାନ୍ତର

ଘଟଗାଁ, ୨୩/୬ (ନି.ପ୍ର): ଗୋଟାଏ ପିକ୍‌ପଭ୍ୟାନ ଧକ୍କାରେ ଜଣେ ଆମ୍ବୁଲାନ୍ସ କର୍ମଚାରୀ ଗୁରୁତର ଆହତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ମୟୂରଭଞ୍ଜ ଜିଲ୍ଲା ଖୁଂଟିଂ ଅଂଚଳର ସୁଦାମ ବେହେରା କେନ୍ଦୁଝର ଠାରେ ଆମ୍ବୁଲାନ୍ସ କର୍ମଚାରୀ ଭାବେ ନିଯୁକ୍ତ ହୋଇଥିଲେ। ଶନିବାର କେନ୍ଦୁଝର ମୁଖ୍ୟ ଡ଼ାକ୍ତରଖାନାରୁ ଏକ ରୋଗୀକୁ ନେଇ କଟକ ଯାଇଥିଲେ। ସେଠାରୁ ଫେରିବା ବାଟରେ ଘଷିପୁରା ଥାନା ଅନ୍ତର୍ଗତ ଗୋହିରା ପ୍ରଣବଲଭ ସ୍କୁଲ୍ ନିକଟରେ ରଂଗ ରୁଟ୍‌ରେ ଏକ ପିକ୍‌ପଭ୍ୟାନ ଆସୁଥିବାବେଳେ ହଠାତ୍ ରାସ୍ତାରେ ଗାଈ ଚାଲି ଆସିଥିଲେ ଫଳରେ ପିକ୍‌ପଭ୍ୟାନ ସହିତ ଧକ୍କା ହେବା ଫଳରେ ଆମ୍ବୁଲାନ୍ସ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣା ଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଚରମ୍ପାରେ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା: ଘଟଣାସ୍ଥଳରେ ଡିଆଇଜିଙ୍କ ତନାଘନା

ଭଦ୍ରକ, ୨୩/୬ (ନି.ପ୍ର): ଭଦ୍ରକ ସହରର ଚରମ୍ପା ଠାରେ ହୋଇଥିବା ଗୁଳିକାଣ୍ଡ ଘଟଣା ପରେ ପୋଲିସର ତନାଘନା ଆରମ୍ଭ ହୋଇଛି । ପୂର୍ବାଂଚଳ ଡିଆଇଜି ଓ ଏସ୍‌ପି ଘଟଣାସ୍ଥଳରେ ପହଂଚି ତଦନ୍ତ ପ୍ରକ୍ରିୟା ଯାଂଚ କରିଛନ୍ତି । ଶନିବାର ଚରମ୍ପା ଛକ ନିକଟରେ ବେଳମଳାସ୍ଥିତ ଘର ପାଖରେ ବ୍ୟବସାୟୀ ବିଦ୍ୟାଧର ପାତ୍ରଙ୍କୁ କେତେକ ଦୁର୍ବୃତ ଦୁଇ ରାଉଣ୍ଡ ଗୁଳି ଚଳାଇ ତାଙ୍କ ନିକଟରେ ଥିବା ଟଙ୍କା ବ୍ୟାଗ୍‌କୁ ଲୁଟି ନେଇଥିଲେ । ପରେ ସ୍ଥାନୀୟ ଲୋକେ ବିଦ୍ୟାଧରଙ୍କୁ ଗୁରୁତର ଭାବେ ପ୍ରଥମେ ଭଦ୍ରକ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ବିଦ୍ୟାଧରଙ୍କ ଦେହରୁ ଅପରେସନ ପରେ ଗୁଳି ବାହାର କରାଯାଇଛି ବୋଲି ସୂଚନା ମିଳିଛି । ତେବେ ଘଟଣା ପରେ ପୂର୍ବାଂଚଳ ଡିଆଇଜି ଡକ୍ଟର ସତ୍ୟଜିତ ନାୟକ, ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ସହ ଅନ୍ୟ ଅଧିକାରୀ ମାନେ ଗୁଳିକାଣ୍ଡ ହୋଇଥିବା ସ୍ଥାନକୁ ଯାଇ ତଦନ୍ତ କରିଛନ୍ତି । ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି ଡିଆଇଜି । ଏତେ ପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ହୋଇଥିବା ବେଳେ ସିସିଟିଭି ଯାଂଚ ସହ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚଢ଼ାଉ ଚାଲିଥିବା କହିଛନ୍ତି ଡିଆଇଜି । ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖୁବ୍ ଶୀଘ୍ର ଅପରାଧୀ ଙ୍କୁ ପୋଲିସ ଧରିବ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଭଦ୍ରକ ସହରର ଚରମ୍ପା ଛକ ନିକଟରେ ବ୍ୟବସାୟୀଙ୍କୁ ଗୁଳିମାଡ ହୋଇଥିଲା । ଗୁଳିମାଡର ଶିକାର ହୋଇଥିଲେ ଭଦ୍ରକ ଗ୍ରାମାଂଚଳ ଥାନା ବେଳାମଳା ଗ୍ରାମର ବିଦ୍ୟାଧର ପାତ୍ର । ଚରମ୍ପା ସ୍ଥିତ ନିଜ ଦୋକାନ ବନ୍ଦ କରି ଘରକୁ ଯାଉଥିବା ସମୟରେ କେତେକ ଦୁର୍ବୃତ ଆସି ଗୁଳି ଫୁଟାଇଥିଲେ । ଲୁଟ୍ ଉଦ୍ଦେଶ୍ୟରେ ବିଦ୍ୟାଧରଙ୍କୁ ଗୁଳି ମାଡ଼ କରାଯାଇଥିବା ସନ୍ଦେହ କରାଯାଉଥିଲା । ପରେ ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଦୌଡ଼ି ଆସିଥିଲେ । ଦୁର୍ବୃତ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ପ୍ରତ୍ୟେକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ରାଉଣ୍ଡ ଗୁଳି ଫୁଟିଥିଲା। ବାଇକରେ ଯାଉଥିବା ବିଦ୍ୟାଧର ରାସ୍ତାରେ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତି କରାଯାଇଥିଲା । ପରେ ଗୁରୁତର ଭାବେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ।

# ୧୭ ଦିନିଆ ନିଃଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଉଦ୍‌ଯାପିତ

ସମ୍ବଲପୁର, ୨୨ ଜୁନ୍ (ହି.ସ.) - ସମ୍ବଲପୁର ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଚାଲିଥିବା ୧୭ ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି । ଆମେଚର କିକ ବକ୍ସିଂ ଆସୋସିଏସନ ଅଫ ଓଡିଶାର ରାଜ୍ୟ ସଭାପତି କାର୍ତିକ ଡାକୁଆଙ୍କର ମାର୍ଗଦର୍ଶନରେ ଜିଲା କିକ୍ ବକ୍ସିଂ ଆସୋସିଏସନ ସମ୍ବଲପୁରର ସଭାପତି ଉତ୍ପଳ ଦାସଙ୍କ ତତ୍ତ୍ୱାବଧାନରେ ଏହି ନିଶୁଳ୍କ କିକ ବକ୍ସିଂ ପ୍ରଶିକ୍ଷଣ ଆୟୋଜନ କରାଯାଉଥିଲା । ଏଥିରେ ଆଖପାଖ ବସ୍ତି ଅଂଚଳର ୨୦ ଜଣଙ୍କୁ ୧୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଭାବେ କିକବକ୍ସିଂ ପ୍ରଶିକ୍ଷଣ ଦିଆଯାଇଥିଲା । ଆଜି ଆସୋସିଏସନର ଜିଲା ସଭାପତି ଶ୍ରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହା ସହିତ କାର୍ଯ୍ୟକ୍ରମରେ ଆଇଆଇଏମ ସମ୍ବଲପୁରର ସିଏଫଓ ସୁବୋଧ କୁମାର ଦୋରା, ପଶ୍ଚିମାଂଚଳ ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ, ଭାରତୀ ସମାଜର ଜିଲା ସଂଯୋଜକ କିଶୋର ଧରେଇ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଶିକ୍ଷଣ ନେଇଥିବା ପିଲା ମାନେ ପ୍ରଥମେ ନିଜର ୧୭ ଦିନର ପ୍ରଶିକ୍ଷଣ ଓ ଅଭିଜ୍ଞତା ବିଷୟରେ କହିବା ସହ ଶିଖଥିବା କଳା ପ୍ରଦର୍ଶନ କରିଥିଲେ । ଏହାପରେ ମୁଖ୍ୟ ଅତିଥି ଡ. ରଥ ଆଗକୁ ଏହି ଆତ୍ମରକ୍ଷା କଳାକୁ ଅଧିକ ପ୍ରଶିକ୍ଷଣ ନେଇ ପ୍ରତିଯୋଗିତାରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ସୁବୋଧ ଦୋରା ନିଷ୍ପାପର ଭାବେ ପ୍ରଶିକ୍ଷଣ ନେବା ପରେ ହୋଇପାରିଥିବା ପରିବର୍ତନକୁ ପ୍ରଶଂସା କରିଥିଲେ । ସେହିପରି ଶ୍ରୀ ବକ୍ସୀ ପ୍ରଶିକ୍ଷାର୍ଥୀ ମାନେ ସତର ଦିନ ଭିତରେ ଶିଖିଥିବା ଶୃଙ୍ଖଳା ଏବଂ ଆତ୍ମରକ୍ଷା କୌଶଳ ଜୀବନରେ ନିଶ୍ଚିତ ଭାବେ ଉପଯୋଗ ହେବ ବୋଲି କହିଥିଲେ । ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜାତୀୟ ସ୍ତରର ମାନ୍ୟତା ପ୍ରାପ୍ତ କିକ୍ ବକ୍ସିଂ ରେଫରି ସୁବ୍ରତ ପ୍ରଧାନ ସତର ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥବାରୁ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଯେଉଁ ଛାତ୍ରୀଛାତ୍ର ମାନେ ଦକ୍ଷତା ପ୍ରଦର୍ଶନ କରିଛନ୍ତି ସେମାନଙ୍କୁ ଆଗକୁ ମଧ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଏସୋସିଏସନସନର ସମ୍ବଲପୁର ସଭାପତି ଶ୍ରୀ ଦାସ କହିଥିଲେ । ଏହାସହ ସମ୍ବଲପୁରୀ ଡେରା ପରିସରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଇ ଥିବାରୁ ଶ୍ରୀ ଦାସ ପଶ୍ଚିମାଂଚଳ ଏକତା ମଂଚକୁ ଧନ୍ୟବାଦ ଦେଇଥିଲେ । ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନରେ ସର୍ମିଳ ସାହୁ, ଶିବାଂଶୀ ତ୍ରିପାଠୀ, ଶ୍ରୀୟାଂଶୀ ତ୍ରିପାଠୀ,ସୋମ୍ୟ ଶାଶ୍ୱତ ଭୋଇ. ସଂସ୍କାର ବାଗ, ସୁଭମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ବିନିକା ବ୍ଲକରେ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ପଥପ୍ରାନ୍ତ ସଭା

ସୁବର୍ଣ୍ଣପୁର, ୨୩/୬ (ନି.ପ୍ର): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଶ୍ୱରଂଜନ ଦାସଙ୍କ ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକର ଛକ ଠାରେ ଖଣ୍ଡ ସଂଯୋଜକ ବିଶ୍ୱନାଥ ମିଶ୍ରଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ପଥ ପ୍ରାନ୍ତସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସଂଘର ଜିଲ୍ଲା ସଂଯୋଜକ ଉଦ୍ଧବ ପଧାନ ଯୋଗଦେଇ କହିଥିଲେ ଯେପର୍ଯ୍ୟନ୍ତ ରାଜ୍ୟ ସରକାର ୦୧.୦୬.୨୦୦୮ ରୁ ୦୧.୦୬.୨୦୧୮ ମସିହା ପର୍ଯ୍ୟନ୍ତ ଅନୁଦାନ ନିମନ୍ତେ ନୀତିଗତ ନିଷ୍ପତି ନେଇନାହାଁନ୍ତି, ସେ ପର୍ଯ୍ୟନ୍ତ ଏ ଅନୁଦାନ ନିମିତ ଲଢ଼େଇ ସମଗ୍ର ରାଜ୍ୟରେ ଜାରି ରହିବ କ୍ଷ ସଭାରେ ସଂଘର ସକ୍ରିୟ ସଦସ୍ୟ ମାନସ ରଞ୍ଜନ ମିଶ୍ର, ମାନସ କୁମାର ନାୟକ, ଉଲୁଣ୍ଡା ବ୍ଲକ ଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ପୁଷ୍ପମ ମେହେର, ଭୁବନେଶ୍ୱର ସାହୁ, ପ୍ରିୟରଞ୍ଜନ ହୋତା, ଶରତ କଅଁର, ଆଶିଷ ଭୋଇ, ବାଳମକୁନ୍ଦ ବାରିକ, ସରୋଜ କୁମାର ବିଶି, ସୁଜିତ ଭୋଇ, ସୁମନ୍ତ ସାହୁ, ଟଙ୍କଧର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ପଥ ପ୍ରାନ୍ତ ନାଟକ ଦ୍ୱାରା ସଚେତନତା ଅଭିଯାନ

ଜୟପୁର, ୨୩/୬ (ନି.ପ୍ର): ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ଲକ୍ଷ୍ମୀ ପଣ୍ଡା ଛକ ଠାରେ ପଥପ୍ରାନ୍ତ ନାଟକ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଛି । ଜୟପୁର ଅବକାରି ନିରିକ୍ଷକ ଓ ଅବକାରି ଥାନା ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବିଷାକ୍ତ ମାଦକ ଦ୍ରବ୍ୟ ସେବନ କଲେ କିପରି ପରିବାର ଛାର ଖାର ହୋଇଯାଏ ସେନେଇ ପଥପ୍ରାନ୍ତ ନାଟକ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା । ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଅପମିଶ୍ରିତ ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅବକାରି ନିରିକ୍ଷକ ଶଶି କାନ୍ତ ଦତ, ଏଏସଆଇ ବଳ ରାମ ଦାସଙ୍କ ସହ ଅବକାରି ଥାନା କର୍ମଚାରି ଉପସ୍ଥିତ ଥିଲେ ।

# ଚକ୍ଷୁ ଚିକିତ୍ସା ଓ ସଚେତନତା ଶିବିର

ବଲାଙ୍ଗୀର, ୨୩/୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ପର୍ଥଲ୍ଲା ଗ୍ରାମ ପଂଚାୟତ ର ଫଲସାପଦର ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱ୍ୱା.ସି.ଡି.ଏ.(ବଲାଙ୍ଗୀର) ଓ ଦେଶାଇ ଫାଉଣ୍ଡେସନ ତଥା ମହାନଦୀ ନେତ୍ର ଚିକିତ୍ସାଳୟ, ସୋନପୁର ମିଳିତ ଆନୁକୁଲ୍ୟରେ ଚକ୍ଷୁ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ୱ୍ୱା.ସି.ଡି.ଏ. (ବଲାଙ୍ଗୀର), ଜିଲ୍ଲା ସଂଯୋଜିକା ଆନନ୍ଦିନୀ ରଥ ସ୍ୱାଗତ ଅଭିଭାଷଣ ସହିତ ଆଖି ଆମର ଅମୂଲ୍ୟ ସଂପଦ ଏବଂ ଆମ୍ଭେମାନେ ଆଖି କିପରି ଉପଯୁକ୍ତ ଯତ୍ନ ନେବା ଉପରେ ପ୍ରାଞ୍ଜଳ ଭାବରେ ଆଲୋଚନା କରିଥିଲେ। ଡା. ଧନୁଜରାମ ନାଏକ ଆଖିର କିପରି ଯତ୍ନ ନେବା ସୁଷମ ଖାଦ୍ୟପେୟ ଓ ମହାନଦୀ ନେତ୍ର ଚିକିତ୍ସାଳୟ ର ସୁବିଧା ସୁଯୋଗ ଉପରେ ସମ୍ୟକ ଭାବରେ ଉପସ୍ଥାପନା କରିଥିଲେ। ଏହି ଶିବିରରେ ପ୍ରାୟ ୧୧୨ ଜଣ ମହିଳା ଓ ପୁରୁଷ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ଫଲସାପଦର ସମେତ ପର୍ଥଲ୍ଲା, ଦୁହେଲ, କୁନ୍ଦେଇଗଡ, ତାଲପାଲିର ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ରୋଗୀଙ୍କ ଚକ୍ଷୁ ପରୀକ୍ଷା ଓ ଔଷଧ ବଂଟନ କରାଯାଇଥିଲା। ଏଥିରେ ୧୮ ଜଣ ବ୍ୟକ୍ତିଙ୍କ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପାଣ୍ଡେପାଲି ସ୍ଥିତ ନେତ୍ର ଚିକିତ୍ସାଳୟକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶାଇ ଫାଉଣ୍ଡେସନର ଡି.ଏଫ ମମତା ନାଗ, ଅନିତା ନାଗ, ଉପାସିନୀ ସାହୁ ତଥା ଗ୍ରାମର ଅଙ୍ଗନବାଡି ଦିଦି ସୁଜାତା ମେହେର ଓ ଆଶା ଦିଦି ପୁଷ୍ପାଞ୍ଜଳିବୁଡେକ ସକ୍ରିୟ ଭାବରେ ସହଯୋଗ କରିଥିଲେ।

# କେମିତି ରହିବେ ନୀରୋଗ: ଆପଣାନ୍ତୁ ଏହି ଟିପ୍ସ



ଆମର ଏଭଳି କେତେକ ଅଭ୍ୟାସ ରହିଛି ଯାହା ପ୍ରତି ଆମେ ନଜର ନେବା ନିହାତି ଦରକାର। କାରଣ ନିଜକୁ ସୁସ୍ଥ ରଖିବା ଲାଗି କେତେକ ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ ଏବଂ ନିଶାଦ୍ରବ୍ୟ ଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ସମୟରେ କେତେକେ ପାଣି ପିଇଥାଆନ୍ତି। ଏହା ଏକ ଖରାପ ଅଭ୍ୟାସ। କାରଣ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାଦ୍ୱାରା ଓଜନ ବଢ଼ିବା ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଖାଇବା ପୂର୍ବରୁ ଏବଂ ସମୟରେ ପାଣି ନ ପିଇବା ଭଲ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ଖାଇବାର ଠିକ୍ ପରେ ପରେ ଶୁଅନ୍ତୁ ନାହିଁ। ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଖାଦ୍ୟ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ଠିକ୍ ଭାବରେ ହଜମ ହୋଇଥାଏ। ଖାଇବାର ଠିକ୍ ପରେ ପରେ ଆଦୌ ଗାଧାନ୍ତୁ ନାହିଁ। କାରଣ, ଖାଇବା ପରେ ଗାଧୋଇଲେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିବାର ଆଶଙ୍କା ରହିଛି। ଏହାଦ୍ୱାରା ରକ୍ତ ସଞ୍ଚାଳନ ତ୍ରୀବ ହୋଇଥାଏ ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଏସବୁ ବ୍ୟତୀତ ସବୁବେଳେ ଠିକ୍ ସମୟରେ ଖାଆନ୍ତୁ । କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇ ନିଅନ୍ତୁ।

# ସପିଂ ପାଇଁ ସ୍ପେଶାଲ ସାଇକେଲ



ଲୋକେ ଦାମୀ ଗାଡ଼ିରେ ବୁଲିବା ସହ ସପିଂ ମଲରେ ନିୟମିତ ଭାବେ ସପିଂ କରିବାକୁ ଉତମ ଜୀବନଶୈଳୀ ଭାବେ ଅଧିକାଂଶ ଭାରତୀୟ ବଖାଣି କରିଛନ୍ତି। ପରିବେଶ ସଚେତନତା ବାବଦରେ ଖୁବ କମ ଭାରତୀୟ ସଚେତନ ବୋଲି ପ୍ରକାଶ। ସର୍ବେକ୍ଷଣରୁ ଜଣାପଡ଼ୁଚି ୩%ରୁ କମ ଭାରତୀୟ ନାଗରିକ ପରିବେଶ ପ୍ରଦୂଷଣ ବାବଦରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏପରିକି କେତେକ ବର୍ଗର ଲୋକେ ମଧ୍ୟ ପ୍ରଦୂଷଣରୁ ବର୍ତିବା ପାଇଁ ଗାଡ଼ି ମଟର ବଦଳରେ ସାଇକେଲରେ ଯାଆସ କରୁଛନ୍ତି। ଆମ ରାଷ୍ଟ୍ର ତୁଳନାରେ କିନ୍ତୁ ବିଦେଶୀ ରାଷ୍ଟ୍ର ଏ ବାବଦରେ ଖୁବ୍ ସଚେତନ। ନିକଟରେ ସ୍ୱିଡ଼େନର ଏକ କମ୍ପାନୀ ସେଠାକାର ଲୋକଙ୍କ ସପିଂ କାର୍ଯ୍ୟକୁ ସୁବିଧା ତଥା ସହଜରେ ଶେଷ କରିବା ନିମନ୍ତେ ସପିଂ ସାଇକେଲ ତିଆରି କରିଛି। ସାଇକେଲ ପଛରେ ଖୁବ ହାଲୁକା ସପିଂ ବାସ୍କେଟ ଖଞ୍ଜା ହୋଇରହିଛି।। ସପିଂ ମଲରେ ପ୍ରବେଶ କରିବା ପରେ ସେଠାକାର ବାସ୍କେଟ ବ୍ୟବହାର ନକରି ବରଂ ସାଇକେଲ ଖଞ୍ଜା ହୋଇଥିବା ସପିଂ ବାସ୍କେଟକୁ ସହଜରେ ବାହାର କରି ମଲ ଭିତରକୁ ନେଇହେବ। ଏହି ସପିଂ ମଲ ବିଶେଷ ସାଇକେଲର ମୂଲ୍ୟ ୧୩ ହଜାର ଟଙ୍କା ଧାର୍ଯ୍ୟ ହୋଇଛି।

# ଆଙ୍ଗୁଠି ଫୁଟାଉଛନ୍ତି କି ? ହୋଇଯାନ୍ତୁ ସାବଧାନ



ଆଙ୍ଗୁଠି ଫୁଟାଇଲେ ଟିକେ ଆରାମ ଲାଗେ। କିନ୍ତୁ କେତେକ ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସର ପରିଣତ ହୋଇଯାଇଥାଏ। ତେବେ ଏଭଳି ଅଭ୍ୟାସର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏପରି ଅଭ୍ୟାସ ଲାଗି ରହିଲେ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# କମ୍ ବୟସରୁ ଚନ୍ଦାପଣର ଶିକାର ହେଉଛନ୍ତି କି ? ପ୍ରତିଦିନ କରନ୍ତୁ ଏଭଳି କାମ, ଦେଖାଯିବନି ଚନ୍ଦାପଣର ସମସ୍ୟା

**ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଦେଖାଯାଏ । ଶରୀରରେ ମେଟାବଲିଜମର ମାତ୍ରା ବଢିଥାଏ । ଭାରତରେ ପ୍ରତି ୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କ ମଧ୍ୟରେ ଚନ୍ଦାପଣର ସମସ୍ୟା ଦେଖାଯାଏ । ଅକାଳରେ ଚୁଟି ଝଡିପଡ଼େ ଏବଂ ଚନ୍ଦାପଣର ଶିକାର ହେବାକୁ ପଡେ । କିନ୍ତୁ କମ୍ ବୟସରେ ଚନ୍ଦାପଣ ଗ୍ରାସ କରିବା ଏକ ବଡ଼ ସମସ୍ୟା । ତେବେ କିଛି ଟିପ୍ସ ଆପଣାଇ ଆପଣ ନିଜ ଚୁଟିର ଧ୍ୟାନ ରଖିପାରିବେ । ଏବେ ପ୍ରଶ୍ନ ଉଠୁଛି କାହିଁକି ଅଧିକ ଲୋକ ଏହି ଚନ୍ଦାପଣର ଶିକାର ହୁଅନ୍ତି ? ହର୍ମୋନାଲରେ ପରିବର୍ତ୍ତନ , ଶରୀରରେ ପୋଷକ ତତ୍ତ୍ୱର ଅଭାବ , କେମୋଥେରାପି କିମ୍ବା ଅତ୍ୟଧିକ ଔଷଧ ସେବନ ,ଚାପଗ୍ରସ୍ତ ,ଶୀଘ୍ର ଓଜନରେ ହ୍ରାସ,ଗମ୍ଭୀର ରୋଗ ଇତ୍ୟାଦି । ଏହା ଦ୍ୱାରା ଶରୀରରେ ମେଟାବଲିଜମର ମାତ୍ରା ବଢେ ଏବଂ ଚନ୍ଦାପଣର ସମସ୍ୟା ଦେଖାଯାଏ ।**



ଡ଼ାଇଟରେ ନିଅନ୍ତୁ ପ୍ରୋଟିନ୍ : ହେୟାର୍ ଗ୍ରୋଥ୍ ପାଇଁ ପ୍ରୋଟିନ୍ ନିହାତି ଜରୁରୀ । ଅଣ୍ଡା,ମାଛ , କମ୍ ଚର୍ବି ଥିବା ମାଂସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଯାହା ଚୁଟି ବଢାଇବା ପାଇଁ ଲାଭଦାୟକ ହୋଇଥାଏ । ଖାଦ୍ୟରେ ଜରୁରୀ ଭିଟାମିନ୍ ସାମିଲ୍ କରନ୍ତୁ । ଭିଟାମିନ୍ ଏ ଚୁଟିମୂଳରେ ପ୍ରାକୃତିକ ତେଲ ବିକାଶ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଭିଟାମିନ୍ ଇ ରକ୍ତ ସଞ୍ଚାଳନକୁ ବଢାଇଥାଏ । ବେଳେବେଳେ ଘରୋଇ ଉପଚାର ମଧ ଚୁଟି ବଢାଇବାରେ ସହାୟକ ହୋଇଥାଏ । ରସୁଣ ଏଥିପାଇଁ ଭଲ ମସାଜର୍ ହୋଇପାରେ । ରସୁଣ,ପିଆଜ,ଅଦାର ରସକୁ ଆପଣ ମୁଣ୍ଡରେ ମାଲିସ୍ କରିପାରିବେ । ରାତିରେ ମାଲିସ୍ କରି ସକାଳେ ଧୋଇପାରିବେ । ଆୟୁର୍ବେଦିକ ଡ଼ାକ୍ତରଙ୍କ କହିବାନୁସାରେ,ଏହା କରିବା ଦ୍ୱାରା ଆପଣଙ୍କ ଚୁଟି ପୁନର୍ବାର ବଢିଯିବ । ଆମେ ପ୍ରତିଦିନ ଖାଦ୍ୟ ଖାଇଲା ଭଳି ଚୁଟିକୁ ମଧ ଖାଦ୍ୟ ଦରକାର ଏବଂ ପ୍ରତିଦିନ କିଛି ଡ୍ରପ୍ ତେଲ ନେଇ ହାଲକା ହାଲକା ମସାଜ୍ କଲେ ରକ୍ତ ସଞ୍ଚାଳନ ହେବା ସହ ଚୁଟିର ଗ୍ରୋଥ୍ ମଧ ବଢିଥାଏ ।



ବଜାରରେ ଅନେକ ପ୍ରକାରର କ୍ୟାମିକାଲଯୁକ୍ତ ସାମ୍ପୁ ବିକ୍ରି ହେଉଛି । ବିଜ୍ଞାପନ ଆଳରେ ଯଦି ଏସବୁ ଆପଣ ଚୁଟିରେ ବ୍ୟବହାର କରୁଛନ୍ତି ତାହେଲେ ଚୁଟି ଝଡ଼ିବା ଭଳି ସମସ୍ୟା ହିଁ ଦେଖାଯିବ । ତେଣୁ ସାମ୍ପୁ କିଣିବା ପୂର୍ବରୁ ପ୍ରଥମେ ସାମ୍ପୁରେ ବ୍ୟବହୃତ ସାମଗ୍ରୀ ଉପରେ ନଜର ପକାନ୍ତୁ । ଜୋଜୋବା,ନଡ଼ିଆ ତେଲ ,ଅଲିଭ୍ ଅଏଲ୍ , ପ୍ରୋଟିନ୍ , ଆଲୋବେରା,କେଫିନ୍ ଭଳି ସାମଗ୍ରୀ ଥିଲେ ହିଁ ସାମ୍ପୁ କିଣନ୍ତୁ ।

୮ ରୁ ୯ ଘଣ୍ଟା ଶୁଅନ୍ତୁ : ନିସ୍ତେଜ ବା ଶୋଇବା ସମୟରେ ଆମ ଶରୀରର ମରାମତି କାମ କରିଥାଏ । ଗ୍ରୋଥ୍ ହର୍ମୋନ୍ , ସେଲ୍ ପ୍ରଡ଼କ୍ସନ୍ କରିବାରେ ସାହାଯ୍ୟ କରେ ଯାହାଦ୍ୱାରା ହେୟାର୍ ଗ୍ରୋଥ୍ ଶୀଘ୍ର ହୋଇଥାଏ ।

# 'ଫ୍ୟାଟି ଲିଭର'ର ପୂର୍ବାଭାସ



ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକୀୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ତ୍ୱେ ଏହା 'ଫ୍ୟାଟି ଲିଭର' ବା 'ଚର୍ବିଳ ଯକୃତ' ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାହ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। 'ଫ୍ୟାଟି ଲିଭର'ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ। ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧୀରେ ଧୀରେ ପୃଥୁଳକାୟ ହେବା 'ଫ୍ୟାଟି ଲିଭର'ର ପୂର୍ବାଭାସ। କ୍ଳାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରାକ୍‌ସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ୍ୟ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ଚୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାର ଆସିବା ଓ ଭୋକ ନ ଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରି। 'ଫ୍ୟାଟି ଲିଭର'ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା- ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା; ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁପର୍ଯ୍ୟନ୍ତ କମ୍ କରିବା; ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।

# ନଖ ଦେଖି ସଚେତନ ହୁଅନ୍ତୁ



ପ୍ରତ୍ୟେକ ବ୍ୟକ୍ତି ନିଜ ନଖର ଆକାର କିମ୍ବା ରଙ୍ଗ ବଦଳିଲେ, ତତକ୍ଷଣାତ୍ ସଚେତନ ହେବା ଜରୁରୀ। ଏହା ବିଭିନ୍ନ ରୋଗର ସୂଚନା ଦେଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସାଧାରଣ ଲୋକଙ୍କୁ କେତୋଟି ଉପଦେଶ ଦେଇ ଏ ବାବଦରେ ସଚେତନ କରାଇଛନ୍ତି। ନଖ ଅଙ୍କାବଙ୍କା ହୋଇ ବଢ଼ିଲେ ସୋରିୟାସିସ ରୋଗ ହୋଇଥିବାର ଆଶଙ୍କା ଥାଏ। ନଖର ରଙ୍ଗ ଧଳା ହୋଇଗଲେ, ଯକୃତ ସମସ୍ୟା ଥିବାର ବିଶେଷଜ୍ଞ ପ୍ରକାଶ କରିଛନ୍ତି। ଅଧିକାଂଶଙ୍କର ନଖ ମଝିରୁ ଭାଙ୍ଗିଯାଏ। ଶରୀରରେ ବିଭିନ୍ନ ପୋଷକତତ୍ତ୍ୱ ଅଭାବରୁ ଏହି ଅସୁବିଧା ହୋଇଥାଏ। ଯଦି ନଖରେ କଳା ରଙ୍ଗ ଦେଖାଯାଏ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। କାରଣ ଏହା ତ୍ୱଚା କର୍କଟର ସଙ୍କେତ। ଏନିମିୟା ରୋଗୀଙ୍କ ନଖ ମଧ୍ୟ ଦୁର୍ବଳ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

# ଲକ୍ଷଣରୁ ଜାଣନ୍ତୁ ଆପଣ ଅବସାଦଗ୍ରସ୍ତ କି ?

ସମ୍ପ୍ରତି ବିଶ୍ୱବ୍ୟାପୀ ଅବସାଦ ଓ ଉଦ୍‌ବେଗ ପରି ମାନସିକ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନ ଅନୁଯାୟୀ, ବିଶ୍ୱର ପ୍ରାୟ ୨୮ କୋଟିରୁ ଅଧିକ ଲୋକ ଅବସାଦଗ୍ରସ୍ତ ହୋଇଥିବା ବେଳେ ୨୬ କୋଟିରୁ ଅଧିକ ଲୋକଙ୍କୁ ଉଦ୍ ?ବେଗ ବ୍ୟାଧି ଘାରିଛି। ଏହି ଉଭୟ ମାନସିକ ସ୍ୱାସ୍ଥ୍ୟାବସ୍ଥା ଦୈନନ୍ଦିନ ଜୀବନ, ସମ୍ପର୍କ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଭୀଷଣ ଭାବରେ ପ୍ରଭାବିତ କରିଥାଏ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ସମସ୍ୟାକୁ ଅଣଦେଖା କରାଯାଏ କିମ୍ବା ଭୁଲ୍ ? ବୁଝାଯାଏ। ବିଶେଷ କରି ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଣଦେଖା କରାଯାଇଥାଏ। ତେବେ ବେଳହୁଁ ଏହାର ଲକ୍ଷଣଗୁଡ଼ିକୁ ଠିକ୍ ?ରେ ଠଉରେଇ ପାରିଲେ ଜୀବନଯାପନ ସୁଗମ ଓ ସାବଲୀଳ ହୋଇପାରିବ। ଆଜି ମାନସିକ ଅବସାଦର ସେଭଳି କିଛି ଲକ୍ଷଣ ବାବଦରେ ଜାଣିବା। ମନ ଦୁଃଖ ଲାଗିବାକୁ ମାନସିକ ଅବସାଦ ବୋଲି କହି ହେବନାହିଁ। ଯଦି ଅନେକ ଦିନ ଧରି ମନରେ ଏପରି ଦୁଃଖାନୁଭବ କି ଶୂନ୍ୟତା ଭାବ କିମ୍ବା ନିରାଶା ଜାରି ରହେ, ତେବେ ଆପଣ ଅବସାଦଗ୍ରସ୍ତ ହୋଇଥିବାର ସମ୍ଭାବନା ରହିଛି। ପୂର୍ବରୁ ଉପଭୋଗ କରୁଥିବା କାର୍ଯ୍ୟ ବା ସଉକ ଏବଂ ସାମାଜିକ କାର୍ଯ୍ୟକଳାପ ଆଦିରେ ଆଗ୍ରହ ନ ରହିବା ମଧ୍ୟ ହେଉଛି ଅବସାଦର ଲକ୍ଷଣ। ଭୋକରେ ପରିବର୍ତ୍ତନ ହେତୁ ଓଜନ ବଢ଼ିବା କି କମିବା ମଧ୍ୟ ଅବସାଦ ଯୋଗୁଁ ହୋଇଥାଏ। ସେହିପରି ଅନିଦ୍ରା ବା ଅଧିକ ନିଦ୍ରା ମଧ୍ୟ ଅବସାଦ ସହ ଜଡ଼ିତ। ବିଶ୍ରାମ ପରେ ମଧ୍ୟ କ୍ଳାନ୍ତ ବା ଦୁର୍ବଳ ଅନୁଭବ କରିବା ଅବସାଦର ଆଉ ଏକ ସଂକେତ। ଅବସାଦ ମଧ୍ୟ ନିଷ୍ପତ୍ତି ଗ୍ରହଣ, ସ୍ମୃତି ଓ ଏକାଗ୍ରତାକୁ ପ୍ରଭାବିତ କରିଥାଏ। ଅବସାଦଗ୍ରସ୍ତ ବ୍ୟକ୍ତିମାନେ ପ୍ରାୟତଃ ଅତ୍ୟଧିକ ଦୋଷୀ କିମ୍ବା ଅଯୋଗ୍ୟ ହେବାର ଭାବନା ମନକୁ ଆଣିଥା'ନ୍ତି।

# ହେଲଥ୍ ଟିପ୍ସ : କେମିତି ହେବ ଭଲ ନିଦ ?

- ☐ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ରଖିବାକୁ ପଡ଼ିବ
- ☐ ୧୦ରୁ ୧୧ଟା ଭିତରେ ଶୋଇଲେ ସକାଳ ୬ଟା ୭ଟା ଭିତରେ ଉଠିବେ
- ☐ ଫଳରେ ନିଦ ପାଇଁ ପର୍ଯ୍ୟାପ୍ତ ସମୟ ମିଳିବ
- ☐ ଆପଣ ୬ରୁ ୭ ଘଣ୍ଟା ଶୋଇପାରିବେ
- ☐ ରାତି ୧୦ଟା ପରେ ମୋବାଇଲ ବା ଇଣ୍ଟରନେଟର ଅଧିକ ବ୍ୟବହାର କରନ୍ତୁ ନାହିଁ
- ☐ କାରଣ ମୋବାଇଲ ଚଳାଇବା ଦ୍ୱାରା ବ୍ରେନ ଆକ୍ଟିଭ ରହିଥାଏ
- ☐ ବରଂ ଆପଣ ଭଲ ବହିଟିଏ ପଢ଼ନ୍ତୁ, କିମ୍ବା ମନପସନ୍ଦର ଗୀତ ଶୁଣନ୍ତୁ
- ☐ ସଂଧ୍ୟା ସମୟରେ ବେଶୀ ଚା' କି କଫି ପିଅନ୍ତୁ ନାହିଁ
- ☐ ଦିନରେ ୩୦ରୁ ୪୫ ମିନିଟ୍ ଶାରୀରିକ ବ୍ୟାୟାମ ଓ ଧ୍ୟାନ କରନ୍ତୁ
- ☐ ବିଳମ୍ବିତ ରାତି ଯାଏଁ ଟିଭି ଦେଖନ୍ତୁ ନାହିଁ
- ☐ ରାତିରେ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ



- ☐ ଯଦି ନିଦ ହେଉ ନାହିଁ, ମନ ଇଚ୍ଛା ମେଡିସିନ କିଣି ଖାଆନ୍ତୁ ନାହିଁ
- ☐ ବରଂ ଡାକ୍ତରଙ୍କ ସହ ପରାମର୍ଶ ପରେ ହିଁ କୌଣସି ମେଡିସିନ ଖାଆନ୍ତୁ

**ଆଜିର ବ୍ୟସ୍ତବହୁଳ ଓ ଇଣ୍ଟରନେଟ୍ ଯୁଗରେ ଭଲ ନିଦ ହେବା ଓ ଶାନ୍ତିର ଶୋଇବା ମଧ୍ୟ ଏକ ସମସ୍ୟା ପାଲଟିଗଲାଣି । ହେଲେ କ'ଣ କଲେ, କେଉଁ କେଉଁ ଦିଗ ପ୍ରତି ଧ୍ୟାନ ଦେଲେ ଆପଣଙ୍କୁ ଭଲ ନିଦ ହେବ, ସେଥିପ୍ରତି ଧ୍ୟାନ ଦେବା ଦରକାର । ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ, ବିଳମ୍ବିତ ରାତି ଯାଏଁ ଚେଇଁ ନରହିବା ଏବଂ ଅନ୍ୟ କିଛି ବିଷୟ ପ୍ରତି ଦୃଷ୍ଟି ଦେଲେ ଭଲ ନିଦ ହେବ ।**

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଣବିକ ଅସ୍ତ୍ର ପ୍ରସାରଣର ନୂତନ ଅଧ୍ୟାୟ

ନିକଟରେ ଇରାନର ଆଣବିକ କେନ୍ଦ୍ରଗୁଡ଼ିକ ଉପରେ ଆମେରିକାର ସାମରିକ ଆକ୍ରମଣ, ବିଶ୍ୱ ଶାନ୍ତି ଏବଂ ସୁରକ୍ଷା ପାଇଁ ଏକ ଅଶୁଭ ସଙ୍କେତ ସୃଷ୍ଟି କରିଛି । ଏହି ଆକ୍ରମଣ କେବଳ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ନୁହେଁ, ବରଂ ଏହା ଏକ ଏପରି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି ଯାହା ଆଗାମୀ ଦିନରେ ଆଣବିକ ଅସ୍ତ୍ରର ଅନିୟନ୍ତ୍ରିତ ପ୍ରସାରକୁ ସୁନିଶ୍ଚିତ କରିବ । କୂଟନୀତି ପରିବର୍ତ୍ତେ ସାମରିକ ଶକ୍ତିର ପ୍ରୟୋଗ, ଅନେକ ଦେଶକୁ ଏହି ସିଦ୍ଧାନ୍ତରେ ପହଞ୍ଚାଇବ ଯେ ଆତ୍ମରକ୍ଷା ପାଇଁ ପରମାଣୁ ଅସ୍ତ୍ର ହିଁ ଏକମାତ୍ର ବିକଳ୍ପ । ଏହି ଘଟଣା ପରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ଏହାକୁ ଜାତିସଂଘ ଚାର୍ଟରର ଗୁରୁତର ଉଲ୍ଲଂଘନ ବୋଲି କହିଛନ୍ତି । ଅନେକ ଦେଶ ମଧ୍ୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରି ଏହା ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ାଇବ ବୋଲି କହିଛନ୍ତି । ଏହି ପରିପ୍ରେକ୍ଷୀରେ, ଏହା ସ୍ପଷ୍ଟ ଯେ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆଣବିକ ନିରସ୍ତ୍ରୀକରଣ ପ୍ରୟାସକୁ ଦଶନ୍ଧି ପଛକୁ ଠେଲି ଦେଇଛି ।

ଆମେରିକା ଦ୍ୱାରା ଇରାନର ପରମାଣୁ କେନ୍ଦ୍ର ଉପରେ ହୋଇଥିବା ଏହି ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି କରିନାହିଁ, ବରଂ ବିଶ୍ୱବ୍ୟାପୀ ପରମାଣୁ ଅସ୍ତ୍ର ପ୍ରସାରଣର ଏକ ଭୟଙ୍କର ଦ୍ୱାର ଖୋଲି ଦେଇଛି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ଏକ ନୂତନ ସ୍ତରକୁ ନେଇଯାଇଥିବା ଏହି କାର୍ଯ୍ୟାନୁଷ୍ଠାନ, ଅନେକ ରାଷ୍ଟ୍ରକୁ ଏହି ବାର୍ତ୍ତା ଦେଇଛି ଯେ ସେମାନଙ୍କ ସୁରକ୍ଷା ପାଇଁ ପରମାଣୁ ନିରୋଧକ ଶକ୍ତି (nuclear deterrant) ଅପରିହାର୍ଯ୍ୟ। ଏହି ଘଟଣାକୁ ଐତିହାସିକ ପରିପ୍ରେକ୍ଷୀରେ ବିଶ୍ଳେଷଣ କରିବା ଅତ୍ୟନ୍ତ ଜରୁରୀ ।

ଐତିହାସିକ ପୃଷ୍ଠଭୂମି ଦେଖିଲେ, ଯେଉଁ ଦେଶମାନେ ନିଜର ପରମାଣୁ କାର୍ଯ୍ୟକ୍ରମ ପରିତ୍ୟାଗ କରିଛନ୍ତି, ସେମାନଙ୍କର ପରିଣାମ ଭୟାବହ ହୋଇଛି। ଲିବିୟା ଏହାର ଏକ ଜ୍ୱଳନ୍ତ ଉଦାହରଣ, ଯିଏ ୨୦୦୩ରେ ନିଜର ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମ ତ୍ୟାଗ କରିବା ପରେ ପାଶ୍ଚାତ୍ୟ ଦେଶମାନଙ୍କ ଆକ୍ରମଣର ଶିକାର ହୋଇଥିଲା । ଅନ୍ୟପକ୍ଷରେ, ଉତ୍ତର କୋରିଆ ଆଣବିକ ଅସ୍ତ୍ର ହାସଲ କରିବା ପରେ ନିଜକୁ ବାହ୍ୟ ଆକ୍ରମଣରୁ ସୁରକ୍ଷିତ ରଖିପାରିଛି । ଏହି ଉଦାହରଣଗୁଡ଼ିକ ଅନ୍ୟ ଦେଶମାନଙ୍କ ପାଇଁ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଆନ୍ତର୍ଜାତିକ ସ୍ତରରେ ନିଜର ସାର୍ବଭୌମତ୍ୱ ବଜାୟ ରଖିବାକୁ ହେଲେ ଆଣବିକ ପ୍ରତିରୋଧ ଶକ୍ତି ଏକାନ୍ତ ଆବଶ୍ୟକ । ଇରାନ ଉପରେ ହୋଇଥିବା ଆକ୍ରମଣ ପରେ ସାଉଦି ଆରବ, ତୁର୍କୀ ଭଳି ଦେଶମାନେ ନିଜର ସୁରକ୍ଷାକୁ ନେଇ ଅଧିକ ଚିନ୍ତିତ ହେବେ ଏବଂ ଆଣବିକ ଅସ୍ତ୍ର ହାସଲ ପାଇଁ ପ୍ରୟାସ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହା ଏକ ବିପଜ୍ଜନକ ଆଣବିକ ଅସ୍ତ୍ର ପ୍ରତିଯୋଗିତା ସୃଷ୍ଟି କରିପାରେ।

ପରମାଣୁ ଅପ୍ରସାର ସନ୍ଧି (NPT), ଯାହା ୧୯୭୦ ମସିହାରୁ କାର୍ଯ୍ୟକାରୀ ହୋଇଛି, ତାହାର ମୂଳ ଉଦ୍ଦେଶ୍ୟ ହେଉଛି ଆଣବିକ ଅସ୍ତ୍ରର ପ୍ରସାରକୁ ରୋକିବା। ଏହି ସନ୍ଧିରେ ୧୯୧ଟି ଦେଶ ସଦସ୍ୟ ଅଛନ୍ତି, ଯେଉଁମାନେ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାର ପାଇଁ ପ୍ରତିବଦ୍ଧ । କିନ୍ତୁ ଯେତେବେଳେ ଆମେରିକା ଭଳି ଏକ ଆଣବିକ ଶକ୍ତି ସମ୍ପନ୍ନ ଦେଶ ଏକ NPT ସଦସ୍ୟ ରାଷ୍ଟ୍ର ଉପରେ ଏପରି ଆକ୍ରମଣ କରେ, ଏହା ସନ୍ଧିର ମୂଳଦୁଆକୁ ଦୋହଲାଇ ଦିଏ । ଏହି ଆକ୍ରମଣ ପରେ ଇରାନ NPTରୁ ଓହରିଯିବାର ଧମକ ଦେଇଛି, ଯାହା ଅନ୍ୟ ଦେଶମାନଙ୍କୁ ମଧ୍ୟ ସମାନ ପଦକ୍ଷେପ ନେବାକୁ ପ୍ରୋତ୍ସାହିତ କରିପାରେ । ଏହା ଏକ ଏଭଳି ପରିସ୍ଥିତି ସୃଷ୍ଟି କରିବ ଯେଉଁଠାରେ ଦେଶମାନେ କୂଟନୈତିକ ସମାଧାନ ପରିବର୍ତ୍ତେ ଗୋପନରେ ପରମାଣୁ ଅସ୍ତ୍ର ତିଆରି କରିବାକୁ ଶ୍ରେୟସ୍କର ମଣିବେ । ଆଜି ବିଶ୍ୱରେ ୯ଟି ଦେଶଙ୍କ ପାଖରେ ପ୍ରାୟ ୧୨,୧୦୦ ଆଣବିକ ଅସ୍ତ୍ର ଅଛି । ଯଦି ଏହି ପ୍ରସାରଣ ବଢ଼େ, ତେବେ ପରିସ୍ଥିତି ଅକଳ୍ପନୀୟ ହେବ ।

ଆଣବିକ ଅସ୍ତ୍ରର ପ୍ରସାର ମାନବ ସଭ୍ୟତାର ଭବିଷ୍ୟତ ପାଇଁ ଏକ ଭୟଙ୍କର ବିପଦ । ଗୋଟିଏ ମାତ୍ର ପରମାଣୁ ବୋମା ଯଦି କୌଣସି ବଡ଼ ସହର ଉପରେ ପକାଯାଏ, ତେବେ ଲକ୍ଷ ଲକ୍ଷ ଲୋକ ତତକ୍ଷଣାତ୍ ପ୍ରାଣ ହରାଇବେ । ଯେଉଁମାନେ ବଞ୍ଚିଯିବେ, ସେମାନେ ରାଡିଏସନ୍ ଯୋଗୁଁ କର୍କଟ ଓ ଜେନେଟିକ୍ ରୋଗର ଶିକାର ହେବେ । ବୈଜ୍ଞାନିକଙ୍କ ମତରେ, ବିଶ୍ୱର ମୋଟ ଆଣବିକ ଅସ୍ତ୍ରର ଏକ ପ୍ରତିଶତରୁ କମ୍ ବ୍ୟବହାର କରାଗଲେ ମଧ୍ୟ ବିଶ୍ୱ ଜଳବାୟୁରେ ଭୟଙ୍କର ପରିବର୍ତ୍ତନ ଆସିବ, ଯାହା 'ଆଣବିକ ଶୀତ' (Nuclear Winter) ସୃଷ୍ଟି କରିବ । ଏହାଦ୍ୱାରା ପୃଥିବୀର ତାପମାତ୍ରା ୭-୮ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇବ ଏବଂ ଏହାର ଫଳ ସ୍ୱରୂପ ବିଶ୍ୱବ୍ୟାପୀ ଦୁର୍ଭିକ୍ଷ ଦେଖାଦେବ, ଯେଉଁଥିରେ ପ୍ରାୟ ୨୦୦ କୋଟି ଲୋକ ପ୍ରାଣ ହରାଇ ପାରନ୍ତି । ଯଦି ଭାରତ ଓ ପାକିସ୍ଥାନ ମଧ୍ୟରେ ଏକ ସୀମିତ ପରମାଣୁ ଯୁଦ୍ଧ ହୁଏ, ତେବେ ପ୍ରାରମ୍ଭିକ ଭାବେ ୨ରୁ ୫ କୋଟି ଲୋକଙ୍କର ମୃତ୍ୟୁ ହୋଇପାରେ । ଏକ ପୂର୍ଣ୍ଣ ସ୍ତରୀୟ ଆଣବିକ ଯୁଦ୍ଧ ହେଲେ ୫୦୦ କୋଟିରୁ ଅଧିକ ଲୋକ କେବଳ ଅନାହାରରେ ମୃତ୍ୟୁବରଣ କରିବେ ।

ଆମେରିକା ଏବଂ ଇରାନ ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଉତ୍ତେଜନା କିଛି ନୂଆ ନୁହେଁ। ୨୦୧୫ ରେ ସ୍ୱାକ୍ଷରିତ ହୋଇଥିବା ଯୁଗ୍ମ ବ୍ୟାପକ କାର୍ଯ୍ୟ ଯୋଜନା (JCPOA) ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ କଠୋର ପ୍ରତିବନ୍ଧକ ଲଗାଇଥିଲା, ଯାହା ବଦଳରେ ଇରାନ ଉପରୁ ଆନ୍ତର୍ଜାତୀୟ ପ୍ରତିବନ୍ଧକ ହଟାଇ ଦିଆଯାଇଥିଲା। ଏହି ଚୁକ୍ତିକୁ ପରମାଣୁ ପ୍ରସାରଣ ରୋକିବା ଦିଗରେ ଏକ ବଡ଼ ସଫଳତା ଭାବରେ ଦେଖାଯାଉଥିଲା। ତେବେ, ୨୦୧୮ ରେ ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ JCPOAରୁ ଏକପାଖିଆ ଓହରି ଯିବା ଏବଂ ଇରାନ ଉପରେ ପୁନର୍ବାର କଠୋର ଅର୍ଥନୈତିକ ପ୍ରତିବନ୍ଧକ ଲଗାଇବା ପରେ ପରିସ୍ଥିତି ବିଗିଡ଼ି ଯାଇଥିଲା। ଏହାର ପ୍ରତିକ୍ରିୟାରେ, ଇରାନ ଧୀରେ ଧୀରେ JCPOAର ପ୍ରତିବନ୍ଧକଗୁଡ଼ିକୁ ଉଲ୍ଲଂଘନ କରିବା ଆରମ୍ଭ କରିଥିଲା, ଯାହା ଏହାର ୟୁରାନିୟମ୍ ସମୃଦ୍ଧକରଣ କ୍ଷମତାକୁ ବୃଦ୍ଧି କରିଥିଲା। ଏହି ଐତିହାସିକ ପୃଷ୍ଠଭୂମିରେ, ବର୍ତ୍ତମାନର ଆକ୍ରମଣ କୂଟନୀତିର ବିଫଳତା ଏବଂ ବଳ ପ୍ରୟୋଗର ଏକ ବିପଜ୍ଜନକ ପରିଣାମ। ଏହା କୁହାଯାଇପାରେ ଯେ ସାମରିକ ଶକ୍ତି ପ୍ରୟୋଗ ଦ୍ୱାରା କୌଣସି ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ, ବରଂ ଏହା ନୂତନ ଏବଂ ଅଧିକ ଜଟିଳ ସମସ୍ୟାକୁ ଜନ୍ମ ଦିଏ । ଇରାନ ଉପରେ ଆମେରିକାର ଆକ୍ରମଣ ଏହି କଥାକୁ ପୁଣିଥରେ ପ୍ରମାଣିତ କରିଛି । ଯଦି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ରମାନେ କୂଟନୀତିର ମାର୍ଗ ପରିତ୍ୟାଗ କରି ଶକ୍ତି ପ୍ରଦର୍ଶନର ଏହି ବିପଜ୍ଜନକ ଖେଳ ଜାରି ରଖନ୍ତି, ଆଗାମୀ ଭବିଷ୍ୟତ ବିପଦସଙ୍କୁଳ ହେବା ନିଶ୍ଚିତ । ଶାନ୍ତି ଏବଂ ସହଭାଗିତା ମାଧ୍ୟମରେ ହିଁ ଏକ ସୁରକ୍ଷିତ ବିଶ୍ୱର ପରିକଳ୍ପନା କରାଯାଇପାରେ, ଆକ୍ରମଣ ଦ୍ୱାରା ନୁହେଁ ।



# ମୋ ଆଖିରେ ତୁ... (୮)

**ମଧୁମିତା ମିଶ୍ର**



(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସେହି ଦିନଠାରୁ ମା ପାର୍ବତୀ ବିମଳା ରୂପରେ ତୋ ମନ୍ଦିରରେ ପୂଜା ପାଇ ଆସୁଛନ୍ତି। ଆଉ ତାଙ୍କୁ ଭୋଗ ଲାଗିବା ପରେ ତୋର ସେହି ପ୍ରସାଦ ମହାପ୍ରସାଦ ହୋଇ ଆନନ୍ଦ ବଜାରକୁ ଆସେ।

ତୋ ମହାପ୍ରସାଦ ପ୍ରସ୍ତୁତ ହେବା ଶୈଳୀ ମଧ୍ୟ ଅତ୍ୟନ୍ତ ଅଦ୍ଭୁତ। ମାଟି କୁଡୁଆ ସବୁରେ ରନ୍ଧନ ସାମଗ୍ରୀ ଭର୍ତ୍ତି କରି ଗୋଟିଏ ଉପରେ ଗୋଟିଏ ସଜେଇ କରି ରଖି ଦିଆଯାଏ। ଆଉ ସେହି ସବୁ ମାଟିହାଣ୍ଡିକୁ ପାରମ୍ପରିକ ଚୁଲା ଉପରେ ବସେଇ ଦିଆଯାଏ। ଆଶ୍ଚର୍ଯ୍ୟଜନକ ଭାବେ ସବୁ ହାଣ୍ଡିରେ ଥରକେ ରୋଷେଇ ହୁଏ ଏବଂ ଆହୁରି ଚମକପ୍ରଦ ତଥ୍ୟ ଅନୁଯାୟୀ ସବା ଉପର କୁଡୁଆର ଖାଦ୍ୟ ସର୍ବପ୍ରଥମେ ପ୍ରସ୍ତୁତ ହୋଇଯାଇଥାଏ...!! ଏସବୁ କେବଳ ମା ଅନ୍ନପୂର୍ଣ୍ଣାଙ୍କର ହାତରନ୍ଧାର ହିଁ ମହିମା ନା କାଳିଆ...!!ଏତେ ରୋଷେଇ ଭିତରେ କେବେ କେଉଁଦିନ କୌଣସି ବ୍ୟଞ୍ଜନ ସ୍ୱାଦ ଦୃଷ୍ଟିରୁ ଅଥବା ଗୁଣାତ୍ମକ ମାନ ଦୃଷ୍ଟିରୁ ଊଣା କି ଅଧିକ ହୁଏନା...!! ସେହି ବାସ୍ନା...ସେହି ସ୍ୱାଦ...ସେହି ତୃପ୍ତି... ଆଃ...!!

ସବୁ ଦେଶୀ ପରିବା ହିଁ ବ୍ୟବହାର କରାଯାଇଥାଏ ଏଥିପାଇଁ।ଏପରି କି ବିଲାତି ବାଇଗଣ ବା ଟମାଟୋ କି ଆଳୁ ମଧ୍ୟ ବର୍ଜନୀୟ ହୋଇଥାଏ।ତୋ ରୋଷଶାଳରେ ପ୍ରତ୍ୟହ ଯେତିକି ରୋଷେଇ ହୁଏ କେଜାଣି କେମିତି ସେତିକି ସବୁ ଭକ୍ତଙ୍କ ପେଟ ପୁରେଇ ଦିଏ...!!?? କେହି କେବେ ତୋ ଦୁଆରରୁ ଖାଇବାକୁ ମିଳିଲାନି ବୋଲି ଫେରି ଆସନ୍ତିନି। ମହାପ୍ରସାଦ ପାଖରେ ଛୋଟ ବଡ କିଛି ରୁହେନା। ବୟସ୍କ ବ୍ୟକ୍ତି, ରୁଗଣ ବ୍ୟକ୍ତିଙ୍କ ପେଟ ହେଉ କି ଛୋଟ ଶିଶୁର ପ୍ରଥମ ଅନ୍ନପ୍ରାସନ୍ନ ସଂସ୍କାର ପରି ମହାନ୍ କାର୍ଯ୍ୟ ହେଉ...ତୋ ମହାପ୍ରସାଦ ସମସ୍ତଙ୍କ ପ୍ରିୟ...!!

ମହାପ୍ରସାଦ ଅଇଁଠା ତ ହୁଏନି କେବେ ବାସି ମଧ୍ୟ ହୁଏନି।କାଣିଚାଏ ମହାପ୍ରସାଦ ପାଇଗଲେ ଜୀବନ ଧନ୍ୟ ହୋଇଯାଏ। ଏଥିପାଇଁ ତ ଅନ୍ନପ୍ରସାଦକୁ ସୂର୍ଯ୍ୟ କିରଣର ସହାୟତାରେ ସମ୍ପୂର୍ଣ୍ଣ ଶୁଷ୍କ କରି ଦିଆଯାଇ ସେଥିରେ ନିର୍ମାଲ୍ୟ ବା କୈବଲ୍ୟ ପ୍ରସ୍ତୁତ ହୁଏ...!! ବିଧବା ମହିଳା ମାନେ ହୁଅନ୍ତୁ କିମ୍ବା ତୋ ନାମ ଜପ କରୁଥିବା ସମର୍ପିତ ଭକ୍ତ ହୁଅନ୍ତୁ ପ୍ରତ୍ୟହ ଗୋଟିଏ ନିର୍ମାଲ୍ୟ ପାଟିରେ ଦେଇଦେବା ପରେ ଯାଇ ନିଜର ଦୀନଚର୍ଯ୍ୟା ଆରମ୍ଭ କରନ୍ତି। କୁହାଯାଏ ବିବାହ ପୂର୍ବରୁ ଯେତେବେଳେ ଦୁଇ ନୂଆ ବନ୍ଧୁ ପରସ୍ପରକୁ ଜୀବନସାରା ପାଇଁ ଆପଣେଇ ନେବାକୁ ବଚନ ଦିଅନ୍ତି... ସେତେବେଳେ ନିର୍ବନ୍ଧ କାର୍ଯ୍ୟ ମହାପ୍ରସାଦ ଦିଆନିଆ ଦ୍ୱାରା ହିଁ ସମ୍ପନ୍ନ ହୁଏ। କାଳିଆ...ତୁ ହିଁ ଜଗି ରହିଥାଉ ଏ ସମ୍ବନ୍ଧକୁ। ଠିକ୍ ସେପରି ମୃତ ଶରୀର ପାଟିରେ ମଧ୍ୟ ତୁଳସୀପତ୍ର ଗୋଟିଏ ଆଉ ଟୋପେ ଗଙ୍ଗାଜଳ ସହିତ ଗୋଟିଏ କୈବଲ୍ୟ ଦାନା ଦିଆ ହୋଇଥାଏ।ବିଶ୍ୱାସ ଅଛି...ଏପରି କରିବା ଦ୍ୱାରା ମୃତ ଶରୀର ଶୁଦ୍ଧ ହୁଏ ଆଉ ଆତ୍ମା ମଧ୍ୟ ବୈକୁଣ୍ଠପୁରକୁ ଆଗେଇ ଯାଇଥାଏ...!!

ନିର୍ମାଲ୍ୟ କିମ୍ବା କୈବଲ୍ୟ ହେବା ପାଇଁ ମହାପ୍ରସାଦକୁ ନିର୍ମାଲ୍ୟ ଖଳାରେ ଶୁଖାଯାଏ। ଏହି ସ୍ଥାନ କୋଇଲି ବୈକୁଣ୍ଠ ଭିତରେ ଅଛି। କୋଇଲି ବୈକୁଣ୍ଠ ବିଷୟରେ କଣ ବା କହିବି କାଳିଆ...!! ସତରେ ଜଣେ ମନୁଷ୍ୟ ପରି ତୁ ନିଜର ଦୈନନ୍ଦିନ ଲୀଳାଖେଳା କରିବା ସହିତ ଶରୀର ତ୍ୟାଗ ଲୀଳା କରିବାକୁ ମଧ୍ୟ ଭୁଲି ନ ଥାଉ। ପ୍ରତି ଆଠ, ବାର କିମ୍ବା ଊଣେଇଶ ବର୍ଷରେ ଥରେ ଯୋଡା ଆଷାଢ଼ ହେଲେ ବା ଅଧୀମାସ ହେଲେ ତୋର ନବ କଳେବର ବିଧି ଅନୁଷ୍ଠିତ ହୁଏ। ନବ ମାନେ ନୂଆ...ଆଉ କଳେବର ମାନେ ଶରୀର। ଜଗତ ଠାକୁର ତୁ ତୋର ଦାରୁ ନିର୍ମିତ ଅବୟବ ତ୍ୟାଗ କରି ନୂତନ ରୂପଟିଏ ଏହି ସମୟରେ ପାଇଥାଉ। ଜଗତରେ ସବୁକିଛି କ୍ଷୟଶୀଳ ବୋଲି ଶିକ୍ଷା ଦେଉଥିବା ଏହି ନବ କଳେବର ବିଧି ଅତ୍ୟନ୍ତ ଗୋପନୀୟ ଏବଂ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ।

ନବ କଳେବର ପୂର୍ବରୁ ତୋର ଦିବ୍ୟ ଦାରୁର ସନ୍ଧାନ ଆରମ୍ଭ ହୁଏ। କାକଟପୁର ମା ମଙ୍ଗଳାଙ୍କ ନିକଟରେ ପାଟିରେ କୃଶତୁଣ୍ଡି ଦେଇ ବଡ଼ପଣ୍ଡା ଅଧିଆ ପଡ଼ିବା ପରେ ମାଙ୍କ ଅପାର କରୁଣାରୁ ଭବ୍ୟଦାରୁ ଅବସ୍ଥିତି ସମ୍ପର୍କିତ ସୂଚନା ତାଙ୍କୁ ସ୍ୱପ୍ନାଦେଶରେ ମିଳେ। ତା ପରେ ତୋ ଦଇତାପତିମାନେ ଗୋଷ୍ଠୀ ଗୋଷ୍ଠୀ ହୋଇ ସେହି ସ୍ଥାନ ମାନଙ୍କରେ ପ୍ରତ୍ୟେକ ନିମ୍ବ ବୃକ୍ଷ ଭିତରେ ସେହି ଦାରୁ ଖୋଜିବାରେ ଲାଗି ପଡନ୍ତି ଯାହା ତାଙ୍କର ଦିଅଁ ହୋଇ ପାରିବ...!!

ସୁଦର୍ଶନଙ୍କ ଦାରୁ ପାଇଁ ଯେଉଁ ନିମ୍ବ ବୃକ୍ଷ ଖୋଜାଯାଏ ସେଥିରେ କେବଳ ତିନୋଟି ଶାଖା ଥାଏ। ଆଉ ସେହି ବୃକ୍ଷର ଗଣ୍ଡି ଭିତରେ ଚକ୍ର ଚିହ୍ନ ଖୋଦିତ ହୋଇ ରହିଥାଏ। ବୃକ୍ଷର ଗଣ୍ଡଦେଶ ରକ୍ତିମ ବର୍ଣ୍ଣର ହୋଇଥାଏ।

ବଳଭଦ୍ରଙ୍କ ପାଇଁ ଉଦ୍ଦିଷ୍ଟ ନିମ୍ବ ବୃକ୍ଷ ସପ୍ତ ଶାଖାଯୁକ୍ତ ହୋଇଥାଏ। ବଳଭଦ୍ର ନିଜେ ସପ୍ତଫେଣୀ ଶେଷନାଗ ସ୍ୱରୂପ ହୋଇଥିବାରୁ ଏହି ବୃକ୍ଷ ଏପରି ହୋଇଥାଏ। ବୃକ୍ଷର ଗଣ୍ଡି ଧବଳ ବର୍ଣ୍ଣଯୁକ୍ତ ହୋଇଥାଏ। ଏହି ବୃକ୍ଷରେ ହଳ ମୂଷଳ ଚିହ୍ନ ରହିଥାଏ। ସ୍ୱୟଂ ହଳଧରଙ୍କ ପ୍ରତୀକ ଏହି ବୃକ୍ଷ ଦେହରେ ଏହି ସଂକେତ ରହିବା ସତରେ କେବଳ ଏକ ଆଶ୍ଚର୍ଯ୍ୟ ମାତ୍ର...!!

ମା ସୁଭଦ୍ରା ଦର୍ପଦଳନୀଙ୍କ ପାଇଁ ପାଞ୍ଚୋଟି ଶାଖା ଥିବା ବୃକ୍ଷକୁ ଖୋଜାଯାଏ। ମା ସୁଭଦ୍ରା ସ୍ୱୟଂ ବ୍ରହ୍ମାଙ୍କ ସ୍ୱରୂପ ହୋଇ ବିରାଜି ଥିବା ଯୋଗୁଁ ତାଙ୍କ ପାଞ୍ଚୋଟି ମୁଖ ଥିବା କାରଣରୁ ଏପରି ହୋଇଥାଏ। ଏହି ପବିତ୍ର ବୃକ୍ଷରେ ପଦ୍ମ ଚିହ୍ନ ଖୋଦିତ ହୋଇ ରହିଥାଏ। ବ୍ରହ୍ମାଙ୍କ ସୃଷ୍ଟି ବିଷ୍ଣୁଙ୍କ ନାଭିପ୍ରଦେଶରୁ ବାହାରିଥିବା ପଦ୍ମରେ ହୋଇଛି ନା...!! ସେଥିପାଇଁ ଏହି ଚିହ୍ନ ମା ସୁଭଦ୍ରାଙ୍କ ପାଇଁ ଉଦ୍ଦିଷ୍ଟ ନିମ୍ବ ବୃକ୍ଷର ଲକ୍ଷଣ ହୋଇଥାଏ। ଆଉ ଏହି ବୃକ୍ଷର ଗଣ୍ଡି ଈଷତ୍ ହଳଦିଆ ବର୍ଣ୍ଣର ମଧ୍ୟ ହୋଇଥାଏ।

ଆଉ ତୋ ପାଇଁ ଉଦ୍ଦିଷ୍ଟ ନିମ୍ବବୃକ୍ଷର ଚାରୋଟି ଶାଖା ଥାଏ ରେ ମହାପ୍ରଭୁ...!! ଏକଥା କହିବା ବାହୁଲ୍ୟ ଯେ ସେହି ଚାରୋଟି ଶାଖା ନାରାୟଣଙ୍କ ପ୍ରତୀକ ମନେ କରାଯାଏ। ବୃକ୍ଷ ଉପରେ ତୋର ଶଙ୍ଖ ଚକ୍ର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଆଉ ଗଛର ଗଣ୍ଡି ମଧ୍ୟ କଳା ରଙ୍ଗର ହୋଇଥାଏ...!! ଏହି ସମସ୍ତ ବୃକ୍ଷର ଶାଖା କି ପତ୍ର ଖଣ୍ଡିଆ ହୋଇ ନ ଥାଏ...!!

କାଳିଆରେ... କେବଳ ଏତିକି ନୁହେଁ ତୋ ଦାରୁ ବିଗ୍ରହ ପାଇଁ ଚିହ୍ନଟ ହେବାକୁ ଥିବା ବୃକ୍ଷ ଯେଉଁ ସ୍ଥାନରେ ମିଳେ ତା ନିକଟରେ ନିହାତି ଏକ ଶ୍ମଶାନ ଥାଏ। ଏହା ହୁଏତ ଏହି କଥାକୁ ସିଦ୍ଧ କରେ ଯେ ଯେଉଁଠି ଜୀବନ ଶେଷ ହୁଏ ସେହି ପାଖରେ ହିଁ ପୁନଃ ଜୀବନ ଆରମ୍ଭ ହେବାର ପ୍ରାକ୍ ସୂଚନା ମିଳେ। ଅର୍ଥାତ୍...ମୃତ୍ୟୁ ଏକ ଅନ୍ତ ନୁହେଁ ବରଂ ଏକ ନୂତନ ଆରମ୍ଭର ଦ୍ୱାରଦେଶ ଉନ୍ମୁକ୍ତ କରିଥାଏ...!!

ମହାଦେବଙ୍କ ମନ୍ଦିର ଆଉ ପୁଷ୍କରିଣୀ ସେହି ପାଖରେ ରହିବା ଅନ୍ୟ ଏକ ପ୍ରତୀକ ହୋଇଥାଏ। ତୋର ଆରାଧ୍ୟ ଯିଏ ତାଙ୍କ ଆରାଧ୍ୟ ତୁ...ତେଣୁ ଏକଥା ଅତି ସାଧାରଣ ଯେ ମହାଦେବଙ୍କ ଅବସ୍ଥିତି ପାଖରେ ହିଁ ନାରାୟଣ ମିଳିପାରନ୍ତି...!! ନା କଣରେ ଜଗା...??

ବୃକ୍ଷ ନିକଟରେ ଏକ ଉଇହୁଙ୍କା ମିଳିବା ମଧ୍ୟ ବିଧେୟ ହୋଇଥାଏ। ବୋଧେ ଏହି ବିଲକ୍ଷଣ ଜଣେଇ ଦିଏ ଯେ ଉଇ ହୁଙ୍କା ନିକଟସ୍ଥ ବୃକ୍ଷ ହୋଇ ମଧ୍ୟ ଏହି ଦାରୁ ଶ୍ରୀଜୀଉଙ୍କ ନୂତନ ବିଗ୍ରହ ହେବାରେ ବ୍ୟବହାର ହୁଏ। ତାର ଅର୍ଥ ବୋଧେ ଏଇୟା ଯେ ଦୁନିଆରେ ସବୁ ପଦାର୍ଥ...ଜଡ ହେଉ କି ଚେତନ... ପରସ୍ପରର ସାହାଯ୍ୟ କରନ୍ତି। ଆଉ ବିଶ୍ୱାସ ଯେଉଁଠି ଥାଏ ସେଇଠି ବିଳୟ ମଧ୍ୟ ସୃଷ୍ଟିର ବାର୍ତ୍ତା ନେଇ ଆସିପାରେ...!!

ସବୁଠୁ ଆଶ୍ଚର୍ଯ୍ୟ ଲାଗେ ଯେ ଏହି ପବିତ୍ର ବୃକ୍ଷମାନଙ୍କରେ କୌଣସି ପକ୍ଷୀ ବସା କରି ନ ଥାଏ...!! ହଁ...ଅସମ୍ଭବ କଣ...?ତୁ ଚାହିଁଲେ ସବୁକିଛି ସମ୍ଭବ। ଏଇ ଯେମିତି ଛୋଟ ସେଇ ପକ୍ଷୀଟିର କଥା... ଯାହାର ମୃତ୍ୟୁ ଲେଖା ହୋଇଥିଲା ସେ ରହୁଥିବା ସ୍ଥାନଠାରୁ ଅନେକ ଦୂରରେ ଏକ ପଥର ଗହ୍ୱର ଭିତରେ...!! ଯମଦେବଙ୍କ ଚିନ୍ତା ହେଲା ସେ କିପରି ସେଇ ଛୋଟିଆ ଜୀବର ଜୀବନ ନିର୍ଦ୍ଧାରିତ ସ୍ଥାନରେ ନେଇ ପାରିବେ...?? ପକ୍ଷୀରାଜ ଗରୁଡ ଏହି କଥାକୁ ବୁଝିପାରି ମନେ ମନେ ଭାବିଲେ ସେ ଯେହେତୁ ତୋର ବାହନ... ତେଣୁ ସେ କାଳ ବା ଯମଦେବଙ୍କୁ ପରାସ୍ତ କରି ପାରିବେ ଆଉ ପକ୍ଷୀଟିକୁ ବଞ୍ଚେଇ ପାରିବେ । ସେ ଭାବିଲେ ତାକୁ ନେଇ ଅନେକ ଦୂରରେ ରଖିଦେବେ ଯେ ଯମରାଜ ତାକୁ ଖୋଜି ପାଇବେନି...!! ପକ୍ଷୀକୁ ବଞ୍ଚାଇବା ପାଇଁ ସେ ତାକୁ ନିଜ ଶକ୍ତ ଗୋଡ଼ରେ ଧରିଆସି ସେଇ ସ୍ଥାନରେ ପହଞ୍ଚିଲେ ଯେଉଁଠି ତାର ମୃତ୍ୟୁ ନିଶ୍ଚିତ ହୋଇଥିଲା। ତାକୁ ସଂପୂର୍ଣ୍ଣ ସୁରକ୍ଷିତ କରି ରଖିଦେଲେ ସେଇ ପଥର ଗହ୍ୱର ଭିତରେ ଯେଉଁଠି ଯମଦେବ ଆରାମରେ ନିଜ କର୍ତ୍ତବ୍ୟ ସମାପନ କରି ପକେଇଲେ...!! ଠିକ୍ ସେମିତି ଯେତେବେଳେ ଜଗତର ପାଳନକର୍ତ୍ତା ହିସାବରେ ତୁ କେମିତି ସବୁ ଜୀବଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରୁଛୁ ତାହା ଜାଣିବା ପାଇଁ ନାରଦମୁନି ଏକ କ୍ଷୁଦ୍ର ପିମ୍ପୁଡ଼ିକୁ ଏକ ବୋତଲ ମଧ୍ୟରେ ବନ୍ଦ କରି ରଖିଦେଲେ। ଆଉ କିଛି ଦିନ ପରେ ଯେତେବେଳେ ତାକୁ ବାହାର କଲେ...ସେ ଦେଖିଲେ ସେହି ବୋତଲ ଭିତରେ କିଛି ଗୁଡ ଥିଲା ଯାହାକୁ ଖାଇ ପିମ୍ପୁଡ଼ିଟି ବଞ୍ଚି ଯାଇଥିଲା। ଅତି କ୍ଷୁଦ୍ର ହେଉ କି ବିରାଟକାୟ ଜୀବ... ସମସ୍ତେ ତୋ ସୃଷ୍ଟିର ହିଁ ଅଂଶ ବିଶେଷ। ମାରିବା... ତାରିବା ସବୁ କେବଳ ତୋ ହାତରେ...!! ସେଇଥିପାଇଁ ତ ...ସମସ୍ତଙ୍କ ମନ ବୁଝୁଛୁ ବୋଲି ହିଁ ତୁ ମନୁଆ...!!

ସତରେ କାଳିଆ... ତୋ ଲୀଳା ଅଦ୍ଭୁତ। ବାଟୋଇଟିଏ ଦିନେ ଖରାରେ ଚାଲି ଚାଲି ଯାଉଥିବା ବେଳେ କ୍ଳାନ୍ତି ମେଣ୍ଟାଇବା ପାଇଁ ଏକ ବିରାଟ ବଟବୃକ୍ଷ ତଳେ ଆଶ୍ରୟ ନେଲା ଆଉ ଶୋଇ ଶୋଇ ଭାବିଲା ବିଶ୍ୱନିୟନ୍ତାଙ୍କ ନ୍ୟାୟ ଠିକ୍ ହେଲାନି। ଏତେ ବଡ ଗଛରେ ଏତେ ଛୋଟ ଫଳ ଦେଇଛନ୍ତି ହେଲେ ପାଖରେ ଥିବା କଖାରୁ ଲତା ଦେହରେ ଏତେ ବଡ ବଡ କଖାରୁ ଫଳେଇ ଦେଇଛନ୍ତି...!!?? କିଛି କ୍ଷଣ ପାଇଁ ସେ ଭାବିଲା ଈଶ୍ୱର ନିଶ୍ଚୟ ଭୁଲ୍ କରି ପକାଇଛନ୍ତି।ଆଉ ଠିକ୍ ସେତିକି ବେଳେ ବରଗଛରୁ କିଛି ଫଳ ଝଡି ଆସି ତା ଛାତି ଉପରେ ପଡ଼ିଲା।ସଙ୍ଗେ ସଙ୍ଗେ ସେ ବୁଝିଗଲା ତୋ ରହସ୍ୟକୁ।ଯଦି ବଡ ଗଛର ବଡ ଫଳ ତା ଉପରେ ପଡ଼ନ୍ତା ହେଲେ ବୋଧେ ତା ଜୀବନ ବିପଦରେ ପଡ଼ି ଯାଆନ୍ତା...!! ଆଉ ସେତେବେଳେ ସେ ତୋ ଚିନ୍ତାଧାରା ଆଗରେ ମଥାନତ କରି ତୋ ଉଦ୍ଦେଶ୍ୟରେ ହାତଯୋଡ଼ି ଜୁହାର ହୋଇଥିଲା...!!

ହେ ଲୀଳାଧର ...ଆଜି ମଧ୍ୟ ଠିକ୍ ସେମିତି ତୋ ଭବ୍ୟ ଲୀଳାର ଅଂଶ ବିଶେଷ ହୋଇଥିବା ବ୍ରହ୍ମଦାରୁ ବୃକ୍ଷ ଉପରେ କଣ ପକ୍ଷୀମାନେ ବସା କରି ରହି ପାରନ୍ତେ...?? ନାହିଁ ନା...!!?? ତୋ ଭବ୍ୟ ଦାରୁ ଚିହ୍ନଟ ହେବା ପରେ ଛ ଚକା ବିଶିଷ୍ଟ ଶଗଡ଼ି ଉପରେ ଘଣ୍ଟ ଘଣ୍ଟା ହୁଳହୁଳି ଶଙ୍ଖ ଆଦି ବଜେଇ ତାକୁ ଶ୍ରୀମନ୍ଦିରକୁ ଅଣାଯାଏ...!! ସେହି ଦାରୁରୁ ତୋର ନୂତନ ଶରୀର ଗଠନ ହୁଏ ନା...!!

କୋଇଲି ବୈକୁଣ୍ଠରେ ନିଜେ ମହାଦେବ ସୁରକ୍ଷା ଦିଅନ୍ତି। ବିଶ୍ୱାସ ଅଛି ଯେ କେହି ମଧ୍ୟ ମନଇଚ୍ଛା ଏଇଠି ବୁଲି ପାରିବେନି। ତୋ ପରି ଜଣେ ଅବତାରୀ ଦେହୀର ଦେହତ୍ୟାଗ ପ୍ରସଙ୍ଗ ଅତ୍ୟନ୍ତ ଲୋମହର୍ଷଣକାରୀ ହୋଇଥାଏ। ସାଧାରଣ ଅଣସର ତୋର ସ୍ନାନଯାତ୍ରା ଠାରୁ ଆରମ୍ଭ ହୋଇ ନବ ଯୌବନ ଦର୍ଶନ ଦିନଯାଏଁ ଚଉଦ ଦିନ ହେଉଥିବା ବେଳେ ତୋର ଏହି ଘଟ ପରିବର୍ତ୍ତନ ସମୟରେ ମହା ଅଣସର ଦୀର୍ଘ ପଇଁଚାଳିଶ ଦିନ ଧରି ଅନୁଷ୍ଠିତ ହୁଏ।

(କ୍ରମଶଃ)

+ଭୁବନେଶ୍ୱର
ମୋ:୯୪୩୮୪୭୦୮୦୭

# ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର

**ସୌର ଚନ୍ଦ୍ର ମହାପାତ୍ର**

ନୀଳଚକ୍ର, ନୀଳଗିରି, ନୀଳଶୈଳ, ନୀଳକନ୍ଦର, ନୀଳସିନ୍ଧୁ ଆଦି ଦେବତା ନୀଳମାଧବ ସବୁ ନୀଳ ପୁଣ୍ୟ ନୀଳାଚଳ ଧାମରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତୀକ। ନୀଳଚକ୍ର ପ୍ରକାରାନ୍ତ ଦେବାୟୁଧ ସୁଦର୍ଶନ। ନୀଳଚକ୍ର ପତିତପାବନ ବାନାର ଧାରକ। ନୀଳଚକ୍ର ହିଁ ଚକ୍ର ନାରାୟଣ। ଭକ୍ତ ଓ ଭଗବାନଙ୍କ ମିଳନର ସୂତ୍ରଧର ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିରେ ନୀଳଚକ୍ରର ଏକ ବିଶେଷ ସ୍ଥାନ ରହିଛି। ପୁରୁଷୋତ୍ତମ କ୍ଷେତ୍ରକୁ ଆସୁଥିବା ଅଗଣିତ ଭକ୍ତମାନେ ବହୁ ଦୂରରୁ ସର୍ବ ପ୍ରଥମେ ମନ୍ଦିର ଚୂଡ଼ାରୁ ନୀଳଚକ୍ରଙ୍କୁ ଦେଖି ଭକ୍ତିପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରି ପ୍ରଭୁଙ୍କ ଦର୍ଶନ ସୁଖ ପାଇଥାନ୍ତି। ରତ୍ନ ସିଂହାସନ ଉପରେ ଆସୀନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପୂର୍ବରୁ ଭକ୍ତଗଣ ପ୍ରଥମେ ଚକ୍ରରାଜଙ୍କୁ ନିଜ ନିଜର ଭକ୍ତି ଅର୍ଘ୍ୟ ଅର୍ପଣ କରିଥାନ୍ତି।

ସନ୍ଥ କବି କବୀର ଦାସ ଶ୍ରୀମନ୍ଦିର ଶୀର୍ଷରେ ନୀଳଚକ୍ର ଓ ପତିତପାବନ ବାନାକୁ ଦେଖି ଆନନ୍ଦରେ ବିଭୋର ହୋଇ ଗାଇ ଉଠିଥିଲେ, ଚକ୍ର ଉପର ଧ୍ୱଜ ଫହରେ, ମାଥ ସୋହତ ହୀରା ହରି ଆଗେ ଦାସ ନାଚେ, କହତ ଦାସ କବୀର। ଶ୍ରୀଜଗନ୍ନାଥଙ୍କ ଶକ୍ତି ଓ ସାମର୍ଥ୍ୟର ପ୍ରତୀକ ଚକ୍ରରାଜ। ଋକବେଦ ଚକ୍ରକୁ ଚିତ୍ରିତ କରେ ସୂର୍ଯ୍ୟ ଓ ସମୟ ଭାବରେ। ଚକ୍ରର ଆଦି ନାହିଁ, ଅନ୍ତ ନାହିଁ ଏବଂ ଏହାର ମୂଲ୍ୟ ଅପରିସୀମା। ଏହା ଅନ୍ତଃ କରଣର ଏକ ଉଚ୍ଛ୍ୱାସ, ପୂର୍ଣ୍ଣତାର ପ୍ରତିବିମ୍ବ, କ୍ରମନ୍ୱୟର ଧାରା ଓ ପ୍ରଗତିର ସଂକେତ।

ନୀଳଚକ୍ର ବିଷ୍ଣୁଙ୍କର, ବାସୁଦେବଙ୍କର ଓ ଜଗନ୍ନାଥଙ୍କର ଆୟୁଧ ରୂପେ ଗ୍ରହଣ କରାଯାଏ। ଶ୍ରୀମନ୍ଦିରର ଚୂଡ଼ା ଉପରେ ନୀଳଚକ୍ର ଅଛି। ନୀଳାମ୍ବରଧର-ବିଷ୍ଣୁ ବା ନୀଳକାନ୍ତି ବିଗ୍ରହଙ୍କର ଚକ୍ର ମଧ୍ୟ ନୀଳ ଅଟେ। ଶାସନକାଳକୁ ଉତ୍ତମ ରୂପେ ଘୁରାଇ ପାରିଲେ ବା ପରିଚାଳନା କଲେ, ସ୍ୱୟଂ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତି। ଏଣୁ ଶାସ୍ତ୍ର କହନ୍ତି - 'ଚକ୍ରସେବ୍ୟଂ ନୃପସେବ୍ୟଂ ନ ସେବ୍ୟଂ ନୃପକେବଳମ୍।' ନୀଳଚକ୍ର ଉପରେ ପତାକା ବା ବାନା ବା ଧ୍ୱଜ ଉଡୁଛି। ପଶମ ବା ପାଟବସ୍ତ୍ରର କନାକୁ ଭିତର ପୋଖରିଆ ପାଦୁକ କୁଣ୍ଡରେ ବୁଡ଼ାଇ ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଠାରେ ଅର୍ପଣ କରନ୍ତି ଓ ଉକ୍ତ ଦାନା ମହୋଦଧି ଆଡ଼କୁ ଉଡାଇବାର ନିୟମ ଅଛି। ନୀଳଚକ୍ରକୁ ଦର୍ଶନ କଲାମାତ୍ରେ, ବିପଦରୁ ରକ୍ଷାମିଳେ ଓ ମୁକ୍ତିଲାଭ ହୁଏ। ନୀଳଚକ୍ରକୁ 'ଉହାଡ଼' ବା ରକ୍ଷାକବଚ ମଧ୍ୟ କୁହନ୍ତି।

ନୀଳଚକ୍ରଙ୍କର ଏକ ବିଶେଷତ୍ୱ ହେଉଛି ଦିନର ବିଭିନ୍ନ ସମୟରେ ଏହାଙ୍କର ରଙ୍ଗର ପରିବର୍ତ୍ତନ। ପ୍ରାତଃ କାଳରେ ସୂର୍ଯ୍ୟୋଦୟ ସମୟରେ ଏହାଙ୍କର ବର୍ଣ୍ଣ ଶ୍ୱେତ ହେବାବେଳେ ଦିବସର ଅଗ୍ରଗତି ସହିତ ଏହା କ୍ରମଶଃ ଅଧିକରୁ ଅଧିକ ନୀଳବର୍ଣ୍ଣ ହୋଇ ସୂର୍ଯ୍ୟାସ୍ତ ସମୟକୁ ଆକାଶର ଲୋହିତ ରଙ୍ଗ ନୀଳଚକ୍ରର ଗାଢ଼ ନୀଳ ରଙ୍ଗ ସହ ମିଶି ଅନିର୍ବଚନୀୟ ଶୋଭା ଧାରଣ କରେ। ନୀଳଚକ୍ରରେ ସଂଯୁକ୍ତ ପତାକାକୁ ପତିତପାବନ ବାନା କୁହାଯାଇଥାଏ। ଏହାର ପ୍ରତୀକାତ୍ମକ ଅର୍ଥ ହେଉଛି ପତିତ ଜନଗଣଙ୍କୁ ଉଦ୍ଧାର କରିବା ପାଇଁ ଶ୍ରୀଜଗନ୍ନାଥ ଚେତନା ଏହା ବାହ୍ୟ ପରିପ୍ରକାଶ। ଏହି ବାନା ପ୍ରତିଦିନ ସନ୍ଧ୍ୟାରେ ପରିବର୍ତ୍ତିତ ହୋଇଥାଏ। ବର୍ତ୍ତମାନ ସମୟରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପରାମର୍ଶ ଅନୁସାରେ ନୀଳଚକ୍ର ଓ ମନ୍ଦିର ଶୀର୍ଷଭାଗର ସୁରକ୍ଷା ଦୃଷ୍ଟିରୁ ବାନାର ଦୈର୍ଘ୍ୟ ୧୪ ଫୁଟରୁ ଅଧିକ ହେଉନାହିଁ। ଶ୍ରୀଜଗନ୍ନାଥ ସଂସ୍କୃତିର ବହୁମୁଖୀ ବିଚାରଧାରାକୁ ଦର୍ଶାଉଥିବା ସାମ୍ୟ, ମୈତ୍ରୀ, ସଂହତିର ପ୍ରତୀକ ପତିତପାବନ ବାନା ଏବଂ ମହାଜ୍ୟୋତିମୟ ଚକ୍ରନାରାୟଣ ନୀଳଚକ୍ର ଆଜି ମଧ୍ୟ ପତିତ ଜନତା ଏବଂ ପରଂବ୍ରହ୍ମଙ୍କ ମଧ୍ୟରେ ସଂଯୋଗର ସେତୁ ରୂପରେ ଶ୍ରୀପୁରୁଷୋତ୍ତମ ଧାମରେ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇ ରହିଛନ୍ତି। ସ୍ୱାଭିମାନ ଓ ଗୌରବର ପ୍ରତୀକ, ସାହାସ ଓ ବୀରତ୍ୱର ପ୍ରତୀକ, ଭକ୍ତି ଓ ସମର୍ପଣର ପ୍ରତୀକ, ଶୌର୍ଯ୍ୟ ଓ ବୀର୍ଯ୍ୟର ପ୍ରତୀକ, ପ୍ରୀତି ଓ ମୈତ୍ରୀର ପ୍ରତୀକ, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣତାର ପ୍ରତୀକ, ଦୁଷ୍ଟ ବିନାଶନ ଓ ପାପ ସଂହାରଣର ପ୍ରତୀକ ଏବଂ ସର୍ବୋପରି ଜଗତର ନାଥ ଜଗନ୍ନାଥ ଦର୍ଶନର ପରିପୂର୍ଣ୍ଣତାର ପ୍ରତୀକ ଶ୍ରୀନୀଳଚକ୍ର। ଶ୍ରୀଜଗନ୍ନାଥଙ୍କ ପ୍ରିୟ ନୀଳଚକ୍ର ପତିତପାବନ ବାନା ଦର୍ଶନରେ ହିଁ ପରମ ତୃପ୍ତି ଓ ଶାନ୍ତି ମିଳେ।

+ବରିଷ୍ଠ ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/
ଡ଼ି, ସେକ୍ଟର-୬, କଟକ,




## କବିତା ଦେଇଛି ଯାହା

**ନିରଞ୍ଜନ ସାହୁ**

କବିତା ଲେଖରେ ସମୟ ଦେଇ ମୁଁ
ଜୀବନେ ପାଇଛି ଯାହା
କାହାକୁ କହିବା ଦରକାର ନାହିଁ
ଏକାନ୍ତ ନିଜସ୍ୱ ତାହା ।

କିଏ କହେ ମୋତେ ଅର୍ଦ୍ଧ ପାଗଳଟେ
କିଏ କହେ ବେକାରିଆ
ଆଉ କିଏ କହେ ବାଜେ ମଣିଷଟେ
ନିତି ଚାଲେ ଗାଳିଖିଆ
ମୋତେ ଦେଖି ଲୋକେ
ଟିପ୍ପଣୀ କରନ୍ତି
କେହି ନ କରନ୍ତି ଆହା ।

କାଗଜ ଉପରେ ଧାଡ଼ିଟିଏ କରି
ଲେଖି ପାରିବନି ଯିଏ
ସମାଲୋଚନାରେ ପୋତି ଦେଉଥାଏ
ପ୍ରତିଦିନ ମୋତେ ସିଏ
ମୋ ବିପଦ ବେଳେ
କେହି ଜଣେ ଆସି
ହୁଏନାହିଁ ମୋତେ ସାହା ।

ଟିପ୍ପଣୀ ଶୁଣି ମୁଁ ଭାଙ୍ଗି ଯାଇନାହିଁ
ଲେଖୁଛି କଲମ ଧରି
ଆହୁରି ଲେଖିବି ଲେଖି ଚାଲୁଥିବି
କାହାକୁ ଯିବିନି ଡରି
କାହା ସହଯୋଗ କାମନା କରୁନି
ସାହା ଏକା ଚଉବାହା ।

+ନିହଲ ପ୍ରସାଦ, ଗଁଦିଆପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ମୋ ଜଗାର ରଥ ଯାତରା

**ସୁଶ୍ରୀ ସୁସ୍ମିତା ଦାସ**

ସବୁ ଯାତରାଠୁଁ ଅଟଇ ନିଆରା
ମୋ ଜଗାର ରଥ ଯାତରା -
ରଥ ଟାଣିବାକୁ ଭକତଙ୍କ ସହ
ସାମିଲ୍ ହୁଅନ୍ତି ବାତରା।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଡାକେ କମ୍ପେ ଶିରୀକ୍ଷେତର -
କୋଟି ଜନମର ପାପ କ୍ଷୟ ହୁଏ
ପବିତ୍ର ହୁଅଇ ନେତର।
ଜନ ସମୁଦ୍ରର ଜୁଆର ଦର୍ଶନେ
ମନେ ଜାଗେ ଭକ୍ତି ବିଶ୍ୱାସ -
ମୁକତି ଆଶାୟୀ ଏକାଳେ ଇଛନ୍ତି
ଛାଡ଼ିବାକୁ ଶେଷ ନିଶ୍ୱାସ।
ରଥରେ ବାମନ କରିଲେ ଦର୍ଶନ
ପୁନର୍ଜନ୍ମ ହୁଏନାହିଁତ -
ସେଇ ସୌଭାଗ୍ୟଟା ମିଳନ୍ତାକି ମତେ
ମରନ୍ତି ପ୍ରଭୁଙ୍କୁ ଚାହିଁତ।
ଧନ୍ୟ ଜଗନ୍ନାଥ ଧନ୍ୟ ତାଙ୍କ ଲୀଳା
ମହିମା ତାଙ୍କର ଅପାର -
ତାଙ୍କ କୃପାବିନା ଭକତ ଜୀବନ
ନହେଉ କେବେବି ଅସାର।
+କଣ୍ଟାବଣିଆ,ଯାଜପୁର,ଓଡ଼ିଶା

## କାଳୁପଡା ମାଉସୀ

**ସୁନୀଲ କୁମାର ପ୍ରଧାନ**

ବାଲେଶ୍ୱରରୁ ମୁଁ ଫେରିବା ବାଟରେ
ମାଉସୀ ସହିତ ଦେଖା
ମାଉସୀ କହୁଛି କୁଆଡେ ଯାଉଛୁ
ହଇରେ ଅଚିହ୍ନା ଟୋକା ।

ଚିହ୍ନିନି ଜାଣିନି ମାଉସୀକୁ ମୁହିଁ
ପଚାରି ଦେଲି ମୁଁ ପଦେ
କୋଉଠି ଯେ ଘର କୁଆଡେ ଯାଉଛ
କହୁଥାଏ ପଦେ ଅଧେ ।

କାଳୁପଡା ତାର ନିଜ ଘର ଅଟେ
ମାଛ ଧରା ତା ବେଉସା
ଇଟା ବାଲି କାମ କରଇ ମାଉସୀ
ପେଟ ପୋଷିବା ତା ନିଶା ।

ପେଟ ପାଇଁ ସେ ଭୁବନେଶ୍ୱର ଯାଏ
ଦିନ ସାରାକ ଖଟୁଛି
ସନ୍ଧ୍ୟା ହୋଇଗଲେ ରେଳ
ସାହାଯ୍ୟରେ
ନିଜ ଘରକୁ ଫେରୁଛି ।

ଘରେ ଦୁଇ ଝିଅ ଏକ ଗୋଟି ପୁଅ
ଛାଡି ମାଉସୀ ଆସିଛି
ଦିନକରେ ଯାହା ମଜୁରୀ ହୋଇଲା
କାନିରେ ବାନ୍ଧି ରଖିଛି ।

ନିତିଦିନ ସିଏ ଯାଇ ଆସୁଥାଏ
ଜୀବନ ଜୀବିକା ପାଇଁ
ପରିଶ୍ରମ ସେ ତ କରୁଛି କରିବ
ହାତ କେବେ ପାଚି ନାହିଁ ।

ମାଉସୀ ଭଳିକା ପରିଶ୍ରମୀ ହେବା
ଜୀବିକା ଛାଡିବା ନାହିଁ
ତାହାରି ପାଇଁ କି ଚାଲିବା ଖୁସିରେ
ସଠିକ୍ ପଥଟି ସେହି ।

+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬

# କବିତାମାଳା

## ଦୁଷ୍ଟ ମୌସୁମୀ

ଡ଼ ଶ୍ରୀଧର ସାମଲ



ଅଦିନିଆ ବର୍ଷା ଅନାହୁତ ଆଶା
ଅଚାନକ ସ୍ମୃତି ନଈରେ ବନ୍ୟା,
ତଥାପି କାହିଁକି ଜୀବନ ଜଳୁଛି
ଜହ୍ନରାତି ଅଛି ନାହିଁ ଜୋଛନା।

ଆଦ୍ୟ ମୌସୁମୀରେ ସଦ୍ୟ ଶିହରଣ
ଆର୍ଦ୍ର ଅନୁରାଗ ମେଘୁଆ ପାଗ,
ଭସା ବାଦଲରେ ଆକାଶ ଆଛନ୍ନ
ସ୍ମୃତି ପରାବାରେ ରଚେ ତରଙ୍ଗ

ତୁହାତୁହା ବର୍ଷା ରିମଝିମ ନିଶା
ଅଳସ ଦେହରେ ବିରହ ଛାପ,
କୋହଲା ପାଗରେ ବାଟ ହୁଡ଼ିଯାଏ
କ୍ଷଣିକେ ବଦଳେ ପ୍ରେମର ରୂପ

ତନ୍ଦ୍ରାଭିଜା ରାତି ବର୍ଷାଭିଜା ସ୍ମୃତି
ଓଦା ଓଦା ଛାତି ଅଧୀର ମନ,
ସାଥିବିନା ରାତି ଅଧୁରା ପୀରତି
ମିଛ ଅଭିମାନ ତୁଚ୍ଛା ସ୍ପନ୍ଦନ

ଋତୁ ବଦଳିଲା ମୌସୁମୀ ଫେରିଲା
ଆନମନା ମନ ବତୁରା ପାଗ,
ସଂଜୁଆ ଆକାଶେ ଅକାରଣେ ମେଘ
ଅକାଳରେ ପ୍ରିୟ ବିଚ୍ଛେଦ ଯୋଗ

ସ୍ମୃତି ଭିଜୁଥାଏ ଅସରା ବର୍ଷାରେ
ଦେହ ଭୋଗୁଥାଏ ନିରବ ଜର,
ଶୁଖିଲା ନଦୀରେ ଅଚାନକ ବନ୍ୟା
କେବେ ଭଟ୍ଟା ପୁଣି କେବେ ଜୁଆର।

+ ସମ୍ପାଦକ ମୌସୁମୀ, କେନ୍ଦ୍ରାପଡା
(ମୋ) ୯୪୩୭୬୦୭୯୯୭

## ଭବାନୀପାଟଣାରେ ବର୍ଷା

ଐଶ୍ୱର୍ଯ୍ୟା ପ୍ରଧାନ



ଆଜି ବର୍ଷାରେ ଓଦାହେଲା
ସାରା ସହର,
କଲେଜ ଛକର ସୁନାରିଗଛରେ
ମହୁଫେଣା ପରି ଝୁଲୁଥିବା
ପେନ୍ଥାପେନ୍ଥା ହଳଦିଆ ଫୁଲ !

ଭିଜୁଥିଲା ଆଇଟିଆଇ ସାମ୍ନାରେ
ରାଜୁଭାଇ ଚାହା ଦୋକାନର ଆଜବେଷ୍ଟସ
କେମିତି ଗୋଟେ ଅଜବ ଶବ୍ଦ ସୃଷ୍ଟିକରୁଥିଲା !

ଭିଜିଯାଇଥିଲା ଲକ୍ଷ୍ମୀ ମାର୍କେଟ
କାହାରକାହାର ସରଞ୍ଜାମ,
ପୁଣି ଓଦା ହୋଇଥିଲା
କେଇଜଣଙ୍କ ଫୁଙ୍ଗୁଳାଦେହ,
ନିଘୋଡ଼ ନିଦର ଅକ୍ତିଆରରେ
ବୋଧେ, ଜାଣିପାରିଲେନି
ଭବାନୀପାଟଣାରେ ବର୍ଷା ଆସିଛି ବୋଲି !

ସେଇ ବର୍ଷା ଧୋଇନେଇଥିଲା
ମା ମାଣିକେଶ୍ୱରୀଙ୍କ ମନ୍ଦିରର ମୁରୁଜ,
ଆଙ୍କିଥିବା ଲୋକର ଆବେଗ..
ମା'ଙ୍କ ମୁହଁ କିନ୍ତୁ ସ୍ଥିର,
ଓଠରେ ଲାଖିଥିଲା ସ୍ମିତହସ ସବୁଥର ପରି !

ବର୍ଷା ପରେ ଆହୁରି ଫୁଲି ଉଠିଥିଲା
ଫୁର୍ଲିଝରନ୍ ର ଛାତି...
ନୂଆନୂଆ ଲାଗୁଥିଲେ
ଭାଗୀରଥୀ ପାର୍କର ଫୁଲଗଛ ସବୁ,
ଯେମିତି କି,ବର୍ଷା ପିନ୍ଧେଇ ଦେଇଥିଲା
ଆକାଶର ସୋ'ରୁମ୍‌ରୁ ଆଣିଥିବା
ରଙ୍ଗବେରଙ୍ଗର ନୂଆ ଜାମା !

ଖୁବ୍ ସୁନ୍ଦର ଦିଶୁଥିଲେ
ଇରିଗେସନ୍ କଲୋନୀର ସବୁ ଲେନ୍,
ସୁବିନ୍ୟସ୍ତ ପରିଚ୍ଛନ୍ନ
କିଏ ଯେମିତି ଘୋଡ଼େଇ ଦେଇଥିଲା
ସ୍ୱଚ୍ଛପଣର ଚାଦରଟେ ତାଙ୍କଉପରେ
ନଥିଲା କାହାର କାଦୁଅବୋଳା ପଦଚିହ୍ନ !

ଏସବୁ ରେ କାହିଁକି କେଜାଣି
ଭିଜିନଥିଲା ମୋର ଦେହ
ମୁଁ ତ ରାତିଯାକ ଠିଆ ହୋଇଥିଲି
ଗାନ୍ଧୀଛକ ମଝିରାସ୍ତାରେ...
ଭୁଲିଯାଇଥିଲି,
ସବୁତକ ଆର୍ଦ୍ରତା ଶୋଷିନେଇଛି ସିଏ,
ସମୁଦ୍ରେ ଶୋଷମାନଙ୍କ ଭିଡ଼
ଆଉ ମରୁଭୂମିର ତୃଷା ମନରେ
ମୁଁ କେମିତି ଭିଜିଥାନ୍ତି ଯେ,
ଏ ଭବାନୀପାଟଣା ବର୍ଷାରେ !

+ ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି

## ସର୍ବଂସହା

ସ୍ମିତା ପଣ୍ଡା



ଗଛ ମୋର
ପତ୍ର ମୋର
ଫୁଲ ବି ମୋର
କିନ୍ତୁ କଣ୍ଟା ସବୁ ମୋର ନୁହେଁ
ପାରୁଛୁ ତ
ଓହ୍ଲାଇଦେ ତୋ ଦେହରୁ
କଣ୍ଟା ସବୁକୁ
ପାରୁଛୁ ତ
ଝାଡ଼ି ଦେ ତୋ ଦେହରୁ
ଶୁଖିଲା ପତ୍ର ମାନଙ୍କୁ
ମଉଳି ଆସୁଥିବା ଫୁଲ ମାନଙ୍କୁ।

ମେଘକୁ ଫୋପାଡ଼ି ଦେ ଲୁହ
ଖରାକୁ ଫୋପାଡ଼ି ଦେ ତାତି
ଫେରେଇ ଦେ ଆଉ ସବୁ
ଯାହା ମତେ ଭଲ ଲାଗୁନି ।

ନିରୁତା ନିରୁତା ବାସ୍ନା
ବଢ଼େଇ ଦେ ମତେ
ପରଷିଦେ ନିରୋଳା ନିରୋଳା ଛାଇ
ଆକାଶ ପରି ଉଦାର ହୁଅ କି ନହୁଅ
ମାଟି ପରି ସର୍ବଂସହା ହୋଇଯା ତୁ।

+ ନରସିଂହପୁର,କଟକ
ମୋ: ୭୦୦୮୨୪୩୬୭୨

## ଡଙ୍ଗା

ବିଜୟଲକ୍ଷ୍ମୀ ପାଣିଗ୍ରାହି



କାଠରେ ଗଢ଼ା ନଉକା ଆମ
ପାଣି ଉପରେ ଭାସେ
ତରଙ୍ଗ ମେଳେ ଦୋଳି ଖେଳିକା
ପବନ ସାଥେ ହସେ।

ମଙ୍ଗକୁ ଧରି ବୁଲାଇ ଦେଲେ
ବଦଳିଯାଏ ଦିଗ
କାତ ଦେହରେ ଆହୁଲା ମାରି
ବଢ଼ାଇବା ତା'ର ବେଗ।

ଦେହେ ତାହାର ପକ୍ଷୀ ଚଦର
ତଲେଇ ଦେଲେ ବାନ୍ଧି
ନାଚି ନାଚିକା ବହଇ ନ୍ୱ
ତରଙ୍ଗେ ତାଳ ଛନ୍ଦି।

ଗରଭ ତା'ର ଥାଏ ଖାଲୁଆ
ତା' ଭିତରେ ଜାଲ ରଖି
ମାଛ ଧରିବା ପାଇଁ ବାହାରେ
ନାଉରିଆ ପାଗ ଦେଖି।

ନୀଳ ଆକାଶେ ବଉଦ ଡଙ୍ଗା
ଜଳେ ଖେଳଇ ନାଆ
ମଝିରେ ପକ୍ଷୀ ଝାଡ଼ଇ ଡେଣା
ଥିରି ଥିରି ବହେ ବାଆ।

ଭାରି ସୁନ୍ଦର ତରଙ୍ଗିନୀଟି
କହେ ଗୁମର କଥା
ସମୟ ସୁଏ ଜୀବନ ତରୀ
ଗାଏ ଅମର ଗାଥା।

+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦

## ଝିଅଟିଏ କବିତା ପରି

ଜ୍ଞାନେନ୍ଦ୍ର କୁମାର ପଣ୍ଡା



ସେ କବିତା ପରି ଝିଅଟିଏ
ମୋ କବିତାକୁ ଯିଏ ଅବୁଝା କହେ ।

ଦିନେ ପଚାରିଲି ତାକୁ ମୋ ଚିଠି କଥା
ସେ ଚାହିଁ ନଦୀ ସୁଅ ଆଡ଼େ ହସିଲା ।

ମୋ ହାତରେ ହାତଛନ୍ଦି ଏ ସଞ୍ଜରେ
ତୁ ବୁଲିଯିବୁ କି ମୋ ସାଥେ ସହରେ ?
କହିଲା ଭଲନାହିଁ ପରା ବେଳ ଏବେ
ମୋତେ ଚଇତି ପବନ ଡରାଏ ।

ଚାଲ୍ ଖେଳିବା ଆମେ ଲୁଚକାଳି
କହେ ମା' ଜାଳିଲାଣି ବତୀ ଚଉରାରେ
ଆଉ ଦିନେ ଖେଳିବା ଆଜି ନୁହେଁ ।

ତୋତେ ଜ୍ୟୋସ୍ନା ଶାଢ଼ୀ ଭାରି ମାନେ
କହ ଆଣିବି ପିନ୍ଧିବୁ କେଉଁ ଦିନେ ?
ହସି କାନିରେ ସେ ମୁହଁ ଲୁଚାଏ
କହେ କଇଁକୁ ଦେଖିଲେ ଲାଜମାଡ଼େ
କିଆଁ କାକରେ ଭିଜିଲେ ଦେହ ଜଳେ ।

ଦିନେ କହିଲି ପଢିବୁ ନେ ମୋ କବିତା
ମୁଁ ଲେଖିଛି ତୋ ପାଇଁ କେତେ କଥା
ସେ ଆନମନା ହୋଇ ମୋତେ ଚାହିଁଲା
କହିଲା ଗପ ନା ଏ ତମ ଘରକଥା
ହେଃ କବିତା ବୋଲି ଆକୁ କିଏ କହେ
ମୋତେ ଦିନରେ ତାରା ସେ ଗଣାଏ ।

ସେ କବିତା ପରି ଝିଅଟିଏ
ମୋ କବିତାକୁ ଯିଏ ଅବୁଝା କହେ ।

+ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦

## କିଛି ସମ୍ପର୍କ ପ୍ରଶ୍ୱାସ ହୋଇଯାଏ

ଲତିକା ମହାପାତ୍ର



କିଛି ସମ୍ପର୍କ ପ୍ରଶ୍ୱାସ ହୋଇଯାଏ
ହେଇଯାଏ ଜୀବନର ମାନେ

ମଣିଷ କାହିଁକି ହାରିଯାଏ କେବେ ଦିନେ ?

ବାହାରକୁ ଶକ୍ତ ମନେ ହୁଏ
ଅଥଚ କେଡେ କୋମଳ ଏ ମଣିଷର ମନ

ସବୁଠୁ ବଡ଼ କଥା ନିଜକୁ ବୁଝିବା
ଆବିଷ୍କାର କରିବା
ସତ କୁ ଗ୍ରହଣ ଓ ସ୍ୱୀକାର କରିବା

ମଣିଷ ମଣିଷଟେ ହେଉ
ଈଶ୍ୱର କି ଅସୁର ନ ହେଉ

ଭଲପାଇବା ମହମହ ବାସୁଥାଉ
ବାସ ସଞ୍ଚରିଯାଉଥାଉ

ରଙ୍ଗ ବେରଙ୍ଗ ଫୁଲ ଦୋଳିଖେଳି
ବିଚିତ୍ର ଭଙ୍ଗୀରେ ସେଇ କଥା କୁହନ୍ତିନି ?
ଅଳୀକ ସମୟର ଶାଶ୍ୱତପଣ
ଗଭୀର ଅର୍ଥ
ଆସ ଆମେ ଫୁଲ ହୋଇ ଫୁଟିଯିବା
ଫୁଲ ହୋଇ ...

+ତାଳଚେର

## ବର୍ଷା ଆସିବା ପରେ

ସରୋଜ କୁମାର ଦାସ



ଯେମିତି ଏକ ଆନନ୍ଦ ଭରିଯାଏ
ହୃଦୟରେ,ସେ ଆସିଲା ପରେ,
ବହୁ ଅପେକ୍ଷାର ଅନ୍ତ ସେହି ମୁହୂର୍ତ୍ତରେ
କେତେ କଳ୍ପନାର ଅବକ୍ଷୟ ପରେ
ସେ ଏକ ଅଭ୍ୟୁଦୟ
ସ୍ୱର୍ଗୀୟ ଭାବନାର,ଆଶା ଓ ବିଶ୍ୱାସର ।

ନିଦାଘ ପୁଣି ଫେରିଯାଏ
ସ୍ପନ୍ଦନ ଭିତରୁ,
ବୋଧହୁଏ ସବୁଦିନ ପାଇଁ
ସେ ଆସିଛି ବୋଲି ।
ଆଉ ଥରେ ଆସିବାର ସଂକଳ୍ପ
ବସନ୍ତର ଶେଷ ସ୍ପର୍ଶ ପରେ
ବଦଳି ଯିବ ବିସ୍ମୟରେ,
ଯେବେ ସମ୍ପର୍କ ପ୍ରେମକୁ ନେଇ
ଯୌବନକୁ ନେଇ
ଅନୁଭବକୁ ନେଇ।

ବ୍ୟାପ୍ତ ସବୁଜିମା
ପୋଛିଦିଏ କ୍ଲାନ୍ତ ନୟନର ଅଶ୍ରୁ,
ଆଦ୍ୟ ସୋପାନରେ,
ପ୍ରାଚୀ ଦେଶେ ଇନ୍ଦ୍ରଧନୁ ନବ ନିର୍ମାଣର
ଅପେକ୍ଷାରେ,
ଧୋଇଦିଏ ବେଦନା, ତିକ୍ତ ଅନୁଭବ
ଢାଙ୍କି ଦିଏ ନବ ଅରୁଣିମା
ଭଲ ପାଇବାର ଦିବ୍ୟ ଆହ୍ୱାନରେ ।

କେଉଁ ଏକ କୁହୁକ ସତେ !
ଶେଷ ହୁଏ ସବୁ ଉନ୍ମାଦନା
କେବେ ରୁଦ୍ରତାରେ
କେବେ ନମ୍ରତା ରେ
ଶାନ୍ତ ସ୍ନିଗ୍ଧ କମନୀୟ କାନ୍ତି
ଜ୍ୟୋତ୍ସ୍ନା ଭିଜା ରାତିର ମହକ
ଫଗୁ ଭରା ଫୁଲେଇ ଫଗୁଣ
ସବୁ ଫିକା ଫିକା,
ଭିନ୍ନ ଏକ ମାଦକତା
ପ୍ରେମର ପରିଭାଷା
ତା'ର ଆଗମନରେ ।

ତା ପାଦର ପାଉଁଜି,
କେବେ ମନ୍ଥର ,କେବେ ଧୁରନ୍ଧର
ସଞ୍ଚାରିତ କରେ ପ୍ରାଣ ନିଃସଙ୍ଗ ତନୁରେ,
ପୁଣି ଅଶାନ୍ତ ସେ ସମୟ ଚକ୍ରରେ
ହୋଇପାରେ ବିଡ଼ମ୍ବନା ଏକ ବିଶ୍ୱାସର
ତଥାପି ସେ ଏକ ଆଦର୍ଶ
ତୋଳିବାକୁ ପ୍ରୀତିର ନଅର
ସେ ହିଁ ଏକ ସମ୍ଭାବନା
ବାସ୍ତବ ପ୍ରେମର ।

ଆଙ୍କି ଦେଲାପରେ ମଧୁର ଚୁମ୍ବନ
ତା' ଅଧରରେ,
ପ୍ଲାବିତ ହୁଏ ଅଶ୍ରୁ,ସତେ କି ନିର୍ଝର
କେବେ ପୁଣି ବ୍ୟଗ୍ର ସିଏ
ଛୁଇଁ ବାକୁ ସ୍ୱପ୍ନର ସାଗର
ସେ ବର୍ଷା, ତା' ଆସିବାରେ
ଫେରିଆସେ ବିଶ୍ୱାସ
ଏକ ଭାବୁକ ମନରେ ।

+ ବାଲିଆପାଳ, ବାଲେଶ୍ୱର

## ପ୍ରେମିକା ସିଏ

ପ୍ରଦ୍ୟୁମ୍ନ ପଟ୍ଟନାୟକ



କିଛି କାରଣ ନଥାଇ ଯିଏ
ଆପେ ଆପେ ଚାହିଁ ହସି ଦିଏ
ଅକାରଣେ ଲୁହ ସର ସର ହୋଇ
କାନ୍ଦୁ ଥାଏ, ପ୍ରେମିକା ସିଏ ।

ସମତଳ ରାସ୍ତାରେ ବାଟ
ଚାଲୁ ଚାଲୁ ଯିଏ
ବାର ବାର ଝୁଣ୍ଟୁ ଥାଏ
ଖାଲ ଢିପ ଅରମାରେ
ଜାଣି ଜାଣି ଚାଲିବାକୁ ଭଲ ପାଏ
ପ୍ରେମିକା ସିଏ।

ଶିଉଳି ଲଗା ପୋଖରୀ ତୁଠରେ
ପାଦ ଚିପି ଚିପି ଯିଏ
କାଖରେ ମାଠିଆ ଉଠାଇ ନିଏ
ମନ୍ଦିର ବେଢ଼ାରେ ଦୀପ ଜାଳୁ ଜାଳୁ
ଆନ ମନା ହୋଇ ନିଜ
ହାତରେ ଚେଙ୍କା ଲଗାଇ ଦିଏ
ପ୍ରେମିକା ସିଏ।

ଗାଆଁ ଦାଣ୍ଡରେ ସହଚରୀ ମେଳେ
ଯାଉ ଯାଉ ଯାହା କାନ୍ଧରୁ ପଣତ ଖସୁଥାଏ
ମେଲଣ ପଡ଼ିଆ ବୁଲୁ ବୁଲୁ
କାହିଁ ପାଦର ପାଉଁଜି ହଜିଯାଏ
ପ୍ରେମିକା ସିଏ ।

ଶ୍ରାବଣ ଆକାଶେ
ମେଘ ମେଦୁରକୁ ଚାହିଁ
ରିମ୍ ଝିମ୍ ବରଷାରେ ଯିଏ ଭିଜୁ ଥାଏ
ଚଇତି ପବନ ଛୁଆଁ ଦେଲେ
ଚାନ୍ଦିନୀ ପଖଳା ଅଗଣାରେ ବସି
କେତେ ସପନର ଜାଲ ବୁଣୁଥାଏ
ପ୍ରେମିକା ସିଏ।

+୧୦୧- ପ୍ରକାଶ ଦୀପ ଟାୱାର, ଜୟ
ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ - ୯୯୬୮୨୮୦୮୯୬

## ବଦଳି ଯାଇଛି ଗାଁ ମୋହର

ଡ. ଦୀପ୍ତିମୟୀ ବେହେରା



ବଦଳି ଯାଇଛି ଗାଁ ଟିକେ ମୋର
ନାହିଁ ଝାଟିମାଟି କି ଚାଳ ଛପର
ସବୁଠି ଖାଲି ଚୂନ ଲିପା ଛାତଘର
ଯେଉଁଠି ଦେଖିବ ଦୋକାନ ବଜାର ।

ଆସୁଥିଲି ଯେବେ ଗାଁ'କୁ ମୋର
ରୁଣ୍ଡ ହେଉଥିଲେ ଘେରି ଚାରିପଟେ
ଦେଖନ୍ତି ଖାଲି ମୋ ମୁହଁକୁ ଲୋ
ଅମୁକେଇ ଝିଅ ଆସିଛି ଲୋ
ହୁରି ପଡ଼ିଯାଏ ଗାଁଟି ସାରା
ଝିଅ ଆସିଛି ଶାଶୁଘରୁ ଲୋ ।

ଲାଜେଇ ଲାଜେଇ ପକାଏ କହି
ଶାଶୁଘର ମୋର ବାପଘର ପରି
ଲାଗନ୍ତି ସଭିଏଁ ନିଜର ନିଜର
ଧନ୍ୟ ଧନ୍ୟ ବୋଲି କହନ୍ତି ମତେ
କେତେ ଦିଅଁ ଦେବତାଙ୍କୁ ପୂଜି
ଭଲ ଶାଶୁଘର ପାଇଛୁ ସତେ ।

ଏବେ ଆସିଲେ ସେଇ ଗାଁ'କୁ ମୋର
ନାହିଁ ଆଉ ପୂର୍ବ ସ୍ନେହ ଆଦର
ସହରୀ ଢାଞ୍ଚାରେ ଦେଖନ୍ତି ସବୁ
ନ ଦେଖିଲା ପରି....
କଥା କୁହନ୍ତିନି କେହି କାହାକୁ ।

ପୁରୁଣା ଲୋକେ ନାହାଁନ୍ତି କେହି
ହରି ସାର କି ଗୋପୀ ମାଷ୍ଟ୍ରେ
ବିଦାୟ ନେଲେଣି କେବେଠୁ ଯାଇ
ଚକୁଳିଆ ପଣ୍ଡା ଆସନ୍ତି ନାହିଁ
କଣ୍ଢେଇ ନାଚ କି କେନ୍ଦେରା ଗୀତ
ଜମା ଆଉ ଶୁଭୁନାହିଁ ।

ଆସିଲେ ଗାଁ'କୁ ମନେ ପଡ଼ିଯାଏ ମୋର
ବାଲ୍ୟ କାଳର ସ୍ମୃତି ସବୁ
ମୂଷଳଧାରା ବରଷାରେ
କରି କାଗଜ ଡଙ୍ଗା ଭସାଉ
କାଦୁଅ ପଚପଚ ରାସ୍ତାରେ
ନାଚିନାଚି ଗୀତ ଗାଉଥାଇ ।

ଖାଇବା କଥା କହିବି କ'ଣ
ପଖାଳ ସାଙ୍ଗକୁ ଶାଗ ଖରଡା
ପୋଡ଼ା ଆଳୁ ସାଥେ ବଡ଼ିଚୁରା
ଏସବୁ ଖାଇବା ଖାଇନି ଯିଏ
ତା' ମଜା ତ ଜମା ପାଇନି ସିଏ ।

ନଥାଉ ପଛକେ ଖାଇବା ବାସନା
ନରହୁ ପଛକେ ପ୍ରୀତି ବନ୍ଧନ
ତଥାପି ଅତୁଟ ରହୁ ମୋହର
ଗାଁ'କୁ ମୋର ଶତଶତ ପ୍ରଣାମ ।

ଏବେତ ଯାଇଛି ସବୁ ବଦଳି
ଆଧୁନିକତା ସ୍ପର୍ଶ କରିଛି
କର୍ପୂର ସିନା ଉଡି ଯାଇଛି
ହେଲେ କପଡ଼ା ଖଣ୍ଡକ ପଡ଼ି ରହିଛି ।

ସେତେବେଳେ ଗାଁ ଥିଲା ମୋହର
ଚିର ସବୁଜ ସୁନ୍ଦର ଆଉ ରୂପବତୀ
ଆଜି ବି ଅଛି ସେଇ ଆମରି ଗାଁ
ସହରୀ ଢାଞ୍ଚାରେ ବଦଳିଛି ଯେମିତି
ହେଲେ ପୂର୍ବପରି ମାଦକତା ନାହିଁ ସେମିତି ।

+ଅଧ୍ୟାପିକା,
ମହାପୁରୁଷ ଅଚ୍ୟୁତାନନ୍ଦ
ମହାବିଦ୍ୟାଳୟ, କଟକ
ମୋ: ୭୫୦୪୮୭୭୫୧୭

## ସାଥୀ ମୋର

ଡଃ ମାଙ୍ଗଳିକା ମହାପାତ୍ର



ଜାଣେ ଥିଲି ମୁଁ କେବେ ତୁମରି ଭାବନାରେ
ଆସିଗଲି ଦେଖ ଆଜି ତୁମ ଜୀବନରେ...

ଚାହିଁକି ବି କେବେ କରିପାରି ନଥିଲ ପ୍ରକାଶ
ତୁମ ଭଲପାଇବାର ନୀରବ ସେ ଅଭିଳାଷ..
ଆଜି ଏତେ ଦିନର ଅପେକ୍ଷାର
ହେଲା ଯେ ଅନ୍ତ
ପାଇଲା ତୁମ ଆଶା ଓ ଆକାଂକ୍ଷା
ନୂଆ ଦିଗନ୍ତ...

ସତରେ କ'ଣ କେବେ ଦୂରେଇ ପାରିବ...
ମୋ ଆକାଶର ଜହ୍ନ ହେଇ ସଦା ରହିବ...
ତୁମ ଜୋଛନା ମତେ ଶୀତଳ କରିବ...
ଉଆଁସରେ ଏ ଆଖି ତୁମକୁ ଖୋଜିବ...

ତୁମରି ସ୍ପର୍ଶରେ ଶରୀର ରୋମାଞ୍ଚିତ ହେବ
ପ୍ରତିଟି ନିଶବ୍ଦ ରାତ୍ରିରେ ତୁମକୁ ଖୋଜିବ
ସପନର କୋଠରୀକୁ ପାଦ ଚିପିଚିପି ଯେବେ
ଆସିବ
ନୀରବ ପାଦଶବ୍ଦକୁ, ତୁମର ଧନ,
ଶୁଣି ଯେ ପାରିବ... ?

+ରେଭେନସା ବିଶ୍ୱବିଦ୍ୟାଳୟ
କଟକ

# ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ଜରୁରୀକାଳୀନ ବୈଠକ

ଜୟପୁର, ୨୩/୬ (ନି.ପ୍ର): ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଛି ଓ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ସଭାପତି ଶଶୀ ଭୂଷଣ ଦାସଙ୍କ ଆହ୍ୱାନ କ୍ରମେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ଓ କର୍ମକର୍ତ୍ତା ଯୋଗଦାନ କରିଥିଲେ ଓ କର୍ମଚାରି ମାନଙ୍କ ମୁଖ୍ୟ ଦାବି ସମସ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା, ପୁରୁଣା ପେନସନ ପ୍ରଦାନ କରିବା ନିମନ୍ତେ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଥିଲା । ବୈଠକରେ ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟର ଜିଲ୍ଲା ଶାଖା ସମ୍ପାଦକ ମହେଶ୍ୱର ମିଶ୍ର, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର ଉପଦେଷ୍ଟା କୈଳାଶ ସାମନ୍ତରାୟ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଉପ ସଭାପତି ଜଗନ୍ନାଥ ମାଝୀ, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ଅଧ୍ୟକ୍ଷ ଲକ୍ଷ୍ମୀ କାନ୍ତ ଦାସ ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଓ ସମସ୍ତ ଉପସ୍ଥିତ କର୍ମଚାରୀ ଓ ସଦସ୍ୟ କର୍ମଚାରି ମାନଙ୍କ ନ୍ୟାର୍ଯ୍ୟ ଦାବି ପୁରଣ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଦିର୍ଘ ଦିନ ଧରି ସରକାର କର୍ମଚାରି ମାନଙ୍କ ନ୍ୟାର୍ଯ୍ୟ ଦାବି ପୁରଣ କରିବା ନେଇ ଟାଳ ଟୁଳ ନିତି ଅବଲମ୍ବନ କରୁଥିବାରୁ ସମସ୍ତେ ଅସନ୍ତୁଷ୍ଟ ବ୍ୟକ୍ତ କରିଥିଲେ ଓ ଓ ରାଜ୍ୟ ସଂଘ ପୁଣିଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟତଃ ସୁଜିତ କୁମାର ନାୟକ, ତ୍ରିନାଥ ପାଣିଗ୍ରାହୀ, ସୂର୍ଯ୍ୟ ମହାରଣା, ଅଜୟ କୁମାର ପ୍ରଧାନ, କୁମୁଦ କୁମାର ମିଶ୍ର, ଶୁଶିଲ ପ୍ରେମ ନାଗ, ପ୍ରକାଶ ରାଓ, ବିନାୟକ ପଣ୍ଡା, ଶ୍ରିଧର ମହାପାତ୍ର, ପ୍ରଶାନ୍ତ ରାଉଳ, ଜଗଦିଶ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦାନ କରିଥିଲେ । ପରିଶେଷରେ ଶ୍ରୀ ଦାଶ୍ ସଭାପତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ ।

# ସୋନପୁର କଲେଜ ଆଲୁମନି ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର, ୨୩/୬ (ନି.ପ୍ର): ସୋନପୁର ମହାବିଦ୍ୟାଳୟର ଆଲୁମନି ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଗାମୀ ଦିନରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା କିପରି ମିଳିପାରିବ ଓ ପାଣ୍ଠି ସଂଗ୍ରହ ଉପରେ ବିଶେଷ ଭାବରେ ବିସ୍ତୃତ ଆଲୋଚନା ହୋଇଥିଲା । ଆନୁମନି ସଂଘର ସଭାପତି ଡ଼ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଦେଷ୍ଟା ସୁଧାଂଶୁ ଶେଖର ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶ ମଂଚାସିନ ଥିଲେ । ସଂଯୋଜକ ସୁଦାମ ଚରଣ ମିଶ୍ର ସଭାକୁ ପରିଚାଳନା କରିଥିଲେ । ଏଥିରେ ସମସ୍ତ ବ୍ଲକର କାର୍ଯ୍ୟକାରୀ ସଭାପତି ସମେତ କାର୍ଯ୍ୟକାରିଣୀ ସଦସ୍ୟ, ଉପଦେଷ୍ଟା କମିଟି, ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ, ସମ୍ମାନନୀୟ ସଭ୍ୟ, ଅର୍ଥନୈତିକ ପ୍ୟାପାର, ସ୍ୱତନ୍ତ୍ରକାର୍ଯ୍ୟଶକ୍ତି, ମହିଳା, ଆଇନ ପରାମର୍ଶ ଆଦି ସମସ୍ତ କମିଟି ଓ ଉପ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ରଥଯାତ୍ରାରେ ଶୃଙ୍ଖଳା ଖାଦ୍ୟ ଓ ପାଣି ବଂଟନ ପାଇଁ ବୈଠକ

ପୁରୀ, ୨୩/୬ (ନି.ପ୍ର): ପୁରୀଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଂଚ ମଙ୍ଗଳ ମଣ୍ଡପ ଅବକାଶ ଲେନ ପକ୍ଷରୁ ରବିବାର ପୂର୍ବାହ୍ନରେ ସର୍ବୋଦୟ ନଗର ସ୍ଥିତ ଶିରିଡି ସାଇ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତ ରଥଯାତ୍ରାରେ ଶୃଙ୍ଖଳା ଖାଦ୍ୟ, ପାଣି ବଂଟନ ଓ ପ୍ରାଥମିକ ଚିକିତ୍ସା ପାଇଁ ଆଲୋଚନା ଓ ନିଷ୍ପତି ହୋଇଥିଲା । ସୁରକ୍ଷା ମଂଚର ସଭାପତି ରବିନାରାୟଣ ପ୍ରହରାଜ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ କୃର୍ତିବାସ କାମିଲା ବରିଷ୍ଠ ନାଗରିକମାନଙ୍କ ଅଭାବ ଅସୁବିଧା ଓ ଅଧିକାର ସଂପର୍କରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକାରୀ କମିଟିର ସହ ସମ୍ପାଦକ ଗୋପୀନାଥ ମହାନ୍ତି, ଯୋଜନ ସମନ୍ୱୟ କମିଟିର ଅଧକ୍ଷ ଡଃ ମନୋଜ କୁମାର ସାମନ୍ତରାୟ, ଉପାଧକ୍ଷ ଜଗତବନ୍ଧୁ ପଟ୍ଟନାୟକ, ବିଭୂତି ଭୂଷଣ ପଟ୍ଟନାୟକ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ପରାମର୍ଶଦାତା ଭୀମସେନ ପଣ୍ଡା, କୋଷାଧକ୍ଷ ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ କମିଟିର ସଭ୍ୟ ସଂଗ୍ରାମ କେଶରୀ ମିଶ୍ର, ସୁଧାକର ପ୍ରଧାନ, ରାଜକିଶୋର ସାସମଲ ପ୍ରମୁଖ ଯୋଗଦେଇ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ସେବା କାର୍ଯ୍ୟକୁ କିପରି ଆଗେଇନେବେ ସେ ସମ୍ପର୍କିତ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲାର ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ ।

# ଜଣକୁ ନିର୍ମମ ହତ୍ୟା: ଚାରି ଜଣ ଥାନାରେ ଅଟକ

ବଲାଙ୍ଗିର, ୨୩/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଘୁନେଶ ଗ୍ରାମପଂଚାୟତ ଅନ୍ତର୍ଗତ ଖୁଜେନ ଗାଁର ତୁଲାରାମ ଜାନି (୫୫) ଘରଦ୍ୱାରରେ ଶୋଇଥିବା ବେଳେ ବେକକୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି । ପତ୍ନୀ ତିଲତମା ଜାନୀ (୫୦) ଓ ଝିଅ ଗାୟତ୍ରୀ ଜାନୀ (୧୯) କହିବା ମୁତାବକ, ପୂର୍ବରୁ ଭାଇ ଭାଇ ମଧ୍ୟରେ ଟଣାଓଟରା ଲାଗି ରହିଥିଲା । କିଛି ବର୍ଷ ତଳେ ତୁଲାରାମ ଜାନିଙ୍କ ବଡ଼ ଭାଇ ଶୁଲାଉନ ଜାନୀ ବହୁମୂତ୍ର ଓ କ୍ରୀଟିନୀନ୍ ରୋଗରେ ପୀଡିତ ହୋଇ ମୃତ୍ୟୁ ହୋଇଥିଲା । ଏନେଇ ପୂର୍ବରୁ ରାଗ ରଖି ଗତ ରାତି ପ୍ରାୟ ୯ଟା ସମୟରେ ଘରଦ୍ୱାରରେ ଶୋଇଥିବା ବେଳେ ହତ୍ୟା କରାଯାଇଥିବା ଘଟଣା ସଂପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନଙ୍କୁ ଜଣାଇବାରୁ ପୋଲିସ୍ ପ୍ରଶାସନ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ଚାରି ଜଣଙ୍କୁ ଥାନାରେ ଅଟକ ରଖିଥିବା ଦୁହେଁ ତିଲୋତମା ଓ ଝିଅ ଗାୟତ୍ରୀ ଜାନୀ କହିଛନ୍ତି । ଏନେଇ ପୋଲିସ ପ୍ରଶାସନ ତୁରେକେଲା ଗୋଷ୍ଠୀ ଚିକିତ୍ସାଳୟକୁ ନେଇ ଶ୍ୱ ବ୍ୟବଚ୍ଛେଦ ପାଇଁ କଂଟାବାଞ୍ଜି ଗୋଷ୍ଠୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି । ଏପଟେ ଗୋଟିଏ ବୋଲି ଝିଅ ଗାୟତ୍ରୀ ଜାନୀକୁ ବର୍ଷକୁ ୨୦ ହଜାର ଟଙ୍କା ଦେଇ ଭୁବନେଶ୍ୱରରେ ପାଠ ପଢ଼ାଉଥିବା ଗାୟତ୍ରୀ କହେ । ଗାୟତ୍ରୀ କହେ ଯେ, ମୁଁ ବର୍ତମାନ +୩ ପରୀକ୍ଷା କେମିତି ଦେବି ? ମୋର ବାପା ବଂଚିଥିଲେ ବୋଲି ମୋ ପାଇଁ ଟଙ୍କା ଖର୍ଚ୍ଚ କରି ପାଠ ପଢ଼ାଉ ଥିଲେ । ମୋର୍ ମା କେଉଁଠି କି କାମ କରି ମତେ ପାଠ ପଢ଼ାଇ ପାରିବ ବୋଲି ଚିନ୍ତିତ । ଏଥି ପ୍ରତି ପ୍ରଶାସନ ଗାୟତ୍ରୀ ଜାନୀକୁ ଏକ ଦୃଷ୍ଟିଗୋଚର ନିଆଗଲେ ସୂଚାରୁରୂପେ ତାଙ୍କ ଭବିଷ୍ୟତ ଗଢି ପାରିବ ବୋଲି ଜନସାଧାରଣ କହିଛନ୍ତି ।

# ଘଷିପୁରା ବ୍ଲକ୍‌ରେ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ

ଘଟଗାଁ, ୨୩/୬ (ନି.ପ୍ର): ଘଷିପୁରା ବ୍ଲକ୍ ସମନ୍ୱୀତ ଶିଶୁ ବିକାଶ ପକ୍ଷରୁ ଘଷିପୁରା ବ୍ଲକ୍ ରେ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି । ଘଷିପୁରା ବ୍ଲକ୍ ସମନ୍ୱୀତ ଶିଶୁ ବିକାଶ ଅଧିକାରୀ ସକୁନ୍ତଳା ନାଇକ ଙ୍କ ସଂଯୋଜନା ରେ ଆୟୋଜିତ ଏହି ଦିବସରେ କଥାକଳା ନୃତ୍ୟ ,ପୁଚି , ରାମ୍ପ୍ ସୋ ଏଥିସହିତ ମୋ ସ୍ୱପ୍ନର ଓଡ଼ିଶାରେ ନିଜ ନିଜର ସ୍ୱପ୍ନର ଭାବନାକୁ କିଶୋରୀମାନେ ପରିପ୍ରକାଶ କରିଥିଲେ । ଏଥିରେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ବହୁ ପ୍ରତିଯୋଗୀ ଭାଗ ନେଇ ନିଜ ପାରଦର୍ଶିତା ଦେଖାଇଥିବା ବେଳେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ କାର୍ଯ୍ୟକ୍ରମ ପରିଚାଳିକ ଲକ୍ଷ୍ମି ଖୋୟା, ନର୍ସ ନିଳୀମା ନାୟକ, ଇଲା ରାଣୀ ସାହୁ ପ୍ରମୁଖ ଉପସ୍ଥିତ କୃତି ପ୍ରତିଯୋଗୀମାନଙ୍କୁ ବାଛି ଥିବାବେଳେ ଘଷିପୁରା ବ୍ଲକ୍ ସମନ୍ୱୀତ ଶିଶୁ ବିକାଶ ଅଧିକାରୀ ଶକୁନ୍ତଳା ନାଇକ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକ୍ ପୋଷଣ ସଂଯୋଜକ ଇନ୍ଦ୍ରଦ୍ୟୁମ୍ନ ସାହୁ, ଜ୍ୟୋତିର୍ମୟୀ ସେଠୀ, ବରିଷ୍ଠ କିରାଣୀ ଭାନୁମତୀ ଓଝା, ସୌମ୍ୟ ରଞ୍ଜନ ରାଉତ, ସୁଭଦ୍ରା ସହାୟକ ଅଭିଷେକ, ବେହେରା ଛବିରାଣୀ ଜେନା. ଚନ୍ଦ୍ରମଣୀ ସେଠୀ, ଘାସିନୀ ମାଝି, ସିତା ନାୟକ, ଅଙ୍ଗନୱାଡି ସୁପର ଭାଇଜର ରାମାମଣୀ ରାଉତ, କନିଷ୍ଠ କିରାଣୀ ସାଫିକ ନାୟକ. ପ୍ରହଲ୍ଲାଦ ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜାମଗାଁ ହାଇସ୍କୁଲର ପ୍ରାଚୀର ପତ୍ର ଉଦ୍‌ଘାଟିତ

ବଲାଙ୍ଗିର, ୨୩/୬ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଜାମଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀର ପତ୍ର "ଆମ ଲେଖା ଆମ ଚିତ୍ର" ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଓ ଏସଏମସି ସଭ୍ୟ ପୁରୁଷୋତମ ଗୁରହାଣ୍ଡିଙ୍କ ସ୍ୱହସ୍ତରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାଜ କିଶୋର ପଣ୍ଡା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସହଯୋଗ ରେ ପ୍ରସ୍ତୁତ ହୋଇଥିବା ଏହି ପ୍ରାଚୀର ପତ୍ର ଆଧ୍ୟାତ୍ମିକ, ସାହିତ୍ୟ, ସଂସ୍କୃତି ତଥା ନୈତିକତା ତଥ୍ୟ ଉପରେ ପର୍ଯ୍ୟବେଶିତ । ଏହି ଶୁଭ ମୁହୁର୍ତରେ ଶିକ୍ଷୟତ୍ରୀ ନମିତା ପାଣିଗ୍ରାହୀ, ରଞ୍ଜିତା ରଣା, ଶିକ୍ଷକ ଶିବ ଶଙ୍କର ପାଣିଗ୍ରାହି, ମହେଶ୍ୱର ଝାଙ୍କର ତଥା ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । କୋମଳମତି ଛାତ୍ର ଛାତ୍ରୀଙ୍କ ମନରେ ଭାଷା, ସାହିତ୍ୟ, ଚିତ୍ର ପ୍ରତି ସୃଜନାତ୍ମକ ମନୋଭାବ ଜାଗ୍ରତ କରିବା କ୍ଷେତ୍ରରେ ଏହି ପ୍ରାଚୀର ପତ୍ରର ଦିଗନ୍ତ ପ୍ରସାରି ଭୂମିକା ରହିଛି ବୋଲି ଶିକ୍ଷକ ମହଲରୁ ମତ ପ୍ରକାଶ ପାଇଥିଲା ।

# କଂଗ୍ରେସର ସମ୍ବିଧାନ ବଂଚାଅ ସମାବେଶ

ବଲାଙ୍ଗିର, ୨୩/୬ (ନି.ପ୍ର): ଲୋଇସିଂହା ନିର୍ବାଚନ ମଣ୍ଡଳି କଂଗ୍ରେସ ପକ୍ଷରୁ ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଗଣ୍ଡବାହାଲ ଗ୍ରାମରେ ଗତ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଓମ୍ ପ୍ରକାଶ କୁମ୍ଭାରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ଜିଲ୍ଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର କହିଥିଲେ ଯେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗତ ନିର୍ବାଚନରେ ଦେଇଥିବା ପ୍ରତିଶୃତି ସବୁ ଫେଲ ମାରିଛି । ନିର୍ବାଚନୀ ଇସ୍ତାହାରରେ ୩୦୦ ୟୁନିଟ ବିଜୁଳି ମାଗଣା, ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ୩୫୦୦ ଟଙ୍କା, ସୁଭଦ୍ରା ଯୋଜନାରେ ମାଁ ମାନଙ୍କୁ ୫୦ହଜାର ଟଙ୍କା ଦେବୁ ଏବଂ ସମସ୍ତ ଉତ୍ପାଦିତ ଧାନ ବିନା କଟନି ଛଟନି ରେ କିଣାଯିବ ବୋଲି ପ୍ରତିଶୃତି ଦେଇ ସରକାରକୁ ଆସିଲା ପରେ ପାଳନ ନ କରିବା ଦୁର୍ଭାଗ୍ୟ ବିଷୟ ବୋଲି ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ନନ୍ଦ, କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରାଉତ, ନାରୀନେତ୍ରୀ ମିଳନୀ ସାହୁ, ଛାତ୍ର ସଭାପତି ଚିନ୍ମୟ ପ୍ରଧାନ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧି ସରକାର ଉପରେ ବର୍ଷିଥିଲେ । ରଣ୍ଡା ସମିତି ସଭ୍ୟ ସୁଦାମ ନନ୍ଦ, ସୀତାରାମ କୁମ୍ଭାର, ରାଜେନ୍ଦ୍ର ତାଣ୍ଡି ଙ୍କ ସହ ଶତାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଦଳିତ ନେତା ଜ୍ୟୋତିଷ ମୁଗ୍ରୀ ସଭାପତିତ୍ୱ କରିଥିବା ବେଳେ ଅଙ୍କିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ୍ରେସ ଦୋକାନରେ ପେଟ୍ରୋଲ ପକାଇ ଜାଳିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର, ୨୩/୬ (ନି.ପ୍ର): ଏୟାରପୋର୍ଟ ନୂଆ ରୋଡ଼ରେ ଦୁର୍ବୃତ୍ତଙ୍କ କାରନାମା ଓ ବିଳମ୍ବିତ ରାତିରେ ମାତିଲେ ଦୁର୍ବୃତ୍ତ ଓ ଏକ ଡ୍ରେସ ଦୋକାନରେ ନିଆଁ ଲଗାଉଥିବାର ଭୟଙ୍କର ଭିଡ଼ିଓ ବା ସିସିଟିଭି ସାମ୍ନାକୁ ଆସିଛି ଓ ଦୁଇଜଣ ଦୁର୍ବୃତ୍ତ ଆସି ପେଟ୍ରୋଲ ପକାଇ ଜାଳିଦେଉଥିବାର ଦେଖିବାକୁ ମିଳିଛି । ଦୋକାନ ଆଗରେ ରଖା ଯାଇଥିବା ବାଇକ ସମ୍ପୂର୍ଣ ପୋଡ଼ି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି ଓ ଘଟଣାସ୍ଥଳରେ ଖଣ୍ଡଗିରି ଥାନା ପୁଲିସର ଛାନଭିନ କରୁଛି ।

# ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୬୧ ୟୁନିଟ୍ ରକ୍ତ ସଂଗୃହୀତ

ଧର୍ମଶାଳା, ୨୩/୬ (ନି.ପ୍ର): ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ' ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ୧୦ମ ବାର୍ଷିକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଶିବିରରେ କଟକ ରେଡକ୍ରସର ସହାୟତାରେ ୬୧ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ଟ୍ରଷ୍ଟର ସଭାପତି ବିମଳ ଦାସଙ୍କ ତତ୍ୱାଧାନରେ ଏହି କାର୍ଯ୍ୟକ୍ରମରେ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇ ଉଦଘାଟନ କରିଥିଲେ । ବନ୍ଧଡିହ ପଂଚାୟତର ଅନେକ ସ୍ୱେଚ୍ଛାସେବୀ, ଯୁବ ସଂଗଠକ, ନାରୀ ନେତ୍ରୀ, ଯୁବନେତା ଓ କଲେଜର ଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ବରିଷ୍ଠ ନେତା ଦେବେନ୍ଦ୍ର ଦାସ, ଯୁବ ନେତା ରାକେଶ ଦେଓ, ଜିଲା ସ୍ୱଚ୍ଛଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି, ସଂଜୟ କୁମାର ବେହେରା, ଅନିଲ ରାଉତ, ମମତା ରାଉତ, ଚିତ ରଂଜନ ମହାନ୍ତି, ସୁଦାମ ଚରଣ ଓଝା, ଚିତ ରଂଜନ ଦାସ, ସନ୍ତୋଷ ଜେନା, ସୁଶାନ୍ତ ଜେନା, ରିବନ୍ଦ୍ର ବେହେରା, ସୁବ୍ରତ ସାହୁ, ଗଣେଶ୍ୱର ବେହେରା, ଧୁଃଶାସନ ପୃଷ୍ଟି ଓ ଦିଲ୍ଲିପ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଚାରିଟେବୁଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଓ ବନ୍ଧଡିହ ମାରୁତି କୃପା ପରିଷଦର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରକ୍ତଦାତାଙ୍କୁ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ବିଧାୟିକା ଶ୍ରୀମତି ଦାସ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଭଳି କାର୍ଯ୍ୟକ୍ରମକୁ ଅଂଚଳରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ୨୭ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି: ଲୋକେ ଆତଙ୍କିତ

ଚମ୍ପୁଆ, ୨୩/୬ (ନି.ପ୍ର): ଗତ କିଛି ସପ୍ତାହ ଧରି ଚମ୍ପୁଆ ବନାଂଚଳ ଅନ୍ତର୍ଗତ ଉଖୁଣ୍ଡା ସେକ୍ସନରେ ୨୭ ଟିକିଆ ହାତୀପଲଙ୍କ ଉପଦ୍ରବ ଲାଗିରହିଛି । ହାତୀପଲ ଅଂଚଳ ଛାଡ଼ି ଯିବାର ନାଁ ଧରୁ ନାହାଁନ୍ତି । ଖାଦ୍ୟ ଅନ୍ୱେଷଣରେ ହାତୀପଲ ବିଭିନ୍ନ ଗ୍ରାମରେ ବ୍ୟାପକ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗି ଧାନ ଚାଉଳ ଖାଇ ଯାଉଛନ୍ତି । ରାତି ହେଲେ ଏହି ହାତୀପଲ ବିଭିନ୍ନ ଦଳରେ ବିଭକ୍ତ ହୋଇ ଜନବସତି ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଗ୍ରାମାଂଚଳଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । କିଛିଦିନ ତଳେ ଏହି ହାତୀପଲ ରେଙ୍ଗାଳଗୋଡ଼ା ଗ୍ରାମରେ ଦୁଇଟି ଓ ପଦ୍ମପୁର ଗ୍ରାମରେ ତିନୋଟି ମୋଟ ପାଂଚଟି ଘର ଭାଙ୍ଗିଥିବାବେଳେ ଗତରାତି ଭଣ୍ଡା ଗ୍ରାମରେ ପଶି ଉପଦ୍ରବ କରିଛନ୍ତି । ଗ୍ରାମର ଡମ୍ବରୁଧର ମହାନ୍ତ ଓ ରାଜେନ୍ଦ୍ର ମହାନ୍ତଙ୍କ ଆମ୍ବ ବଗିଚାର ପାଚେରିକୁ ଭାଙ୍ଗି ବଗିଚା ଭିତରେ ପଶି ଆମ୍ବ ଖାଇବା ସହ ଗଛଗୁଡ଼ିକୁ ଭାଙ୍ଗି ପକାଇଛନ୍ତି । ସେହିପରି ପେଟୁ ନାଏକଙ୍କ ଘର ଓ ପାଚେରି ଭାଙ୍ଗିବା ସହ କୋଡ଼ିଏରୁ ଉର୍ଦ୍ଧ୍ୱ ନଡ଼ିଆ ଗଛ ଓ ଚାରା ନଷ୍ଟ କରିଥିବା ଜଣାପଡ଼ିଛି । ରାତି ହେଲେ ହାତୀପଲ ଗ୍ରାମଗୁଡ଼ିକୁ ଚରାଭୂଇଁ କରୁଥିବାରୁ ଗ୍ରାମ ଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି ।

# ଜନ ସାଧାରଣଙ୍କ ମତାମତ ନନେଇ କୋଶଳାଂଚଳରେ ଖଣି ଖନନର ଉଦ୍ୟମ ହେଲେ ବ୍ୟାପକ ପ୍ରତିବାଦ ହେବ: ପ୍ରମୋଦ କୁମାର ମିଶ୍ର

ବଲାଙ୍ଗିର, ୨୩/୬ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ପାଟଣାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପ୍ରସ୍ତାବିତ ସାଲେପାଲି ଗ୍ରାଫାଇଟ ମାଇନସ୍ ବିରୁଦ୍ଧରେ ବ୍ୟାପକ ଜନ ପ୍ରତିକ୍ରିୟା ଆରମ୍ଭ ହୋଇଛି । ଏହି ମାଇନିଙ୍ଗ ବ୍ଲକ ଅନ୍ତର୍ଗତ ସାଲେପାଲି, ବାଲିପଟା, ସୋଲବନ୍ଧ, ଗଂଗାସାଗର, କପାଣି, ମରୁଆଁ, ଧାତୁକ, ତେନ୍ତୁଳିମୁଣ୍ଡା ଗ୍ରା.ପ ର ସାଲେପାଲି, ରହେନମାଲ, କର୍ଲାମାଲ, ଚକାମାଲ, ତୁର୍ଲାମାଲ, ନିଲଜିବାହାଲ, ଗୁହୁରିଆମୁଣ୍ଡା, କଲଙ୍ଗାପାଲି, ବାଲିପଟା, ତୁହ୍ଲାଦର୍ହା, ବଂଜାରୀ, ବଥର୍ଲା, ସୋଲବନ୍ଧ, ଝୁଲେନବର, କପାଣି, ଡୁଙ୍ଗୁରିଗୁଡା, ମୁଣ୍ଡୋଦର୍ହ, ସାନ ବିଚିଲିବାହାଲ, ବିଲେଇସାଥି, ଫୁଡୁକୁପର, ଖଲିଆ, ଧାତୁକ, ବଡବାବେୟୁରି, ଜନଳାବିଅଁର, ଗୋଏଲପିଟା ଅଂଚଳର ଲୋକ ଜନମ ମାଏଟ ବଚାଓ ସଂଘର୍ଷ ସମିତି ନାଁରେ ଏକ ସଂଗଠନ କରି ଏହା ବିରୁଦ୍ଧରେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଆଗାମି ୨୩ ତାରିଖରେ ସେମାନେ ପାଟଣାଗଡ ଠାରେ ଏକ ଜନ ବିକ୍ଷୋଭ ର ଆୟୋଜନ କରିଛନ୍ତି । କୋସଲ ରାଜ୍ୟ ସମନ୍ୱୟ ସମିତି ତରଫରୁ ଏଇ ଆନ୍ଦୋଳନ ପ୍ରତି ସମର୍ଥନ ବ୍ୟାପକ କରାଯାଉଛି । ଏଇ ଅଂଚଳର ଲୋକମାନେ ଅଭିଯୋଗ କରିଛନ୍ତି ଯେ ବିନା ପଲ୍ଲିସଭା, ବିନା ଗ୍ରାମସଭା ଓ ବିନା ଜନ ଶୁଣାଣି ରେ ସରକାର ଏଇ ମାଇନିଂଗ ବ୍ଲକ କୁ ତାମିଲନାଡୁ ରାଜ୍ୟର ଭିନମିର ରିସୋର୍ସ ପ୍ରାଇଭେଟ ଲିମିଟେଡ କଂପାନି କୁ ନିଲାମ ଦେଇ ସାରିଛନ୍ତି । ଲୋକ ଅଭିଯୋଗ କରୁଛନ୍ତି ଯେ ଏହି ଖଣି ଖନନ ହେଲେ ହଜାର ହଜାର ଲୋକ ବିସ୍ଥାପିତ ହେବେ ଓ ଏଇ ଅଂଚଳର ପରିବେଶ ସମ୍ପୂର୍ନ ଧ୍ୱଂସ ହୋଇଯିବା ସହ ଲୋକ ସେମାନଙ୍କ ଜୀବନ ଜୀବିକା ହରାଇବେ । ଯଦି ଏହା ସତ୍ୟ ତେବେ ସାଂଘତିକ । ବିଗତ ସରକାର ସମୟରେ ବ୍ୟାପକ ଖଣି ଖନନ କରି ବିଭିନ୍ନ ଅଂଚଳକୁ ଧ୍ୱଂସ କରାଯାଇଥିବା ବେଳେ ତଥା ହିରାକୁଦର ବିସ୍ଥାପିତମାନଙ୍କ ଠୁ ଆରମ୍ଭ କରି ଲୋୟର ସୁକତେଲ ଡେମର ଡେମର ବିସ୍ଥାପିତ ଲୋକମାନେ ଆଜି ଯାଏଁ କ୍ଷତିପୁରଣ ପାଇ ନ ଥିବା ବେଳେ ପୁନଃଷ୍ଟ ଏଭଳି ବ୍ୟାପକ ବିସ୍ତାପନ ଉଦ୍ୟମ କଦାପି ଗ୍ରହଣିୟ ନୁହେଁ । ଅଧିକନ୍ତୁ ସଂପୃକ୍ତ ଅଂଚଳ ରେ ବ୍ୟାପକ କପା ଉତ୍ପାଦନ ହୁଏ ତେବେ ପାତଳଘନ୍ଟା, ତରଭୁଜ ଓ ଆମ୍ବ ମଧ ବହୁ ମାତ୍ରାରେ ଉତ୍ପାଦନ କରି ଚାଷିମାନେ ସେମାନଙ୍କ ଜୀବନ ଜୀବିକା ନିର୍ବାହ କରୁଛନ୍ତି । ଏଭଳି ସ୍ଥଳରେ ଖଣି ଖନନ କରି ଲୋକଙ୍କ ସାମାଜିକ ଓ ଆର୍ଥିକ ଅବସ୍ଥାକୁ ଧ୍ୱଂସ କରିବା ପାଇଁ ଉଦ୍ୟମ କରାଯିବ ଉଚିତ ନୁହେଁ । ଅବାରିତ ଖଣି ଖନନ ଉଦ୍ୟମ ବନ୍ଦ ହେବା ଆବଶ୍ୟକ । ବିନା ଗ୍ରାମ ସଭା ଓ ପଲ୍ଲୀ ସଭାର ଅନୁମୋଦନରେ କୌଣସି କଂପାନି ଏଭଳି ଖଣି ଲିଜ୍ ଦିଆଯିବା ସଂପୂର୍ଣ୍ଣ ରୂପେ ସମ୍ବିଧାନ ବିରୋଧୀ ଅଟେ । ତେଣୁ ବୁଦ୍ଧିଜୀବି, ଜନସାଧାରଣ, ବିଭିନ୍ନ ଜନ ସଂଗଠନ ର ପ୍ରତିନିଧି ଓ ନିର୍ବାଚିତ ପ୍ରତିନିଧିମାନେ ଏଭଳି ଉଦ୍ୟମ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ । ଏ ସମ୍ପର୍କରେ ବ୍ୟାପକ ଯୋଜନା କରିବା ପାଇଁ ଓ ସାଲେପାଲି ସମେତ ବିଭିନ୍ନ ମାଇନିଂଗ ବ୍ଲକ ଅଂଚଳର ଖଣି ଖନନ ସଂପର୍କିତ ସବିଶେଷ ବିବରଣୀ ଆଣିବା ପାଇଁ କୋସଳ ରାଜ୍ୟ ସମନ୍ୱୟ ସମିତି ତରଫରୁ ଖୁବ୍ ଶିଘ୍ର ଏକ କମିଟି ସଂପୃକ୍ତ ଅଂଚଳ କୁ ଯିବେ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରିବେ । ସାଲେପାଲି ସମେତ ବଲାଙ୍ଗିର ଜିଲ୍ଲା ଓ କୋସଳାଂଚଳ ର ପ୍ରସ୍ତାବିତ ଖଣି ଖନନ ଯୋଜନା ସଂପର୍କରେ ସରକାର ତୁରନ୍ତ ଏକ ଶ୍ୱେତପତ୍ର ଜାରି କରିବାକୁ ତଥା ତୁରନ୍ତ ଖଣି ଖନନ ନିଷ୍ପତି ବନ୍ଦ କରିବାକୁ , ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଙ୍କୁ ତାଙ୍କ ନିଷ୍ପତିର ପୁନଃ ସମିକ୍ଷା କରନ୍ତୁ ବୋଲି କୋସଳ ରାଜ୍ୟ ସମନ୍ୱୟ ସମିତି ର କେନ୍ଦ୍ରିୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏଥିରେ ଉଲ୍ଲେଖଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲାର ଲୋୟର ସୁକତେଲ ପ୍ରକଳ୍ପ ର ଉଭୟ ପାଶ୍ୱର୍ରେ ଥିବା ପାଟଣାଗଡ ଓ ଲୋଇସିଂହା ନିର୍ବାଚନ ମଣ୍ଡଳିରେ ୯ଟି ମାଇନିଂଗ ବ୍ଲକ ଠାବ କରାଯିବା ସହ ଏ ଅଂଚଳର ଲୋକଙ୍କୁ ବିସ୍ଥାପିତ କରି ବ୍ୟାପକ ଖଣି ଖନନର କରିବାର ଯୋଜନା ହେଉଥିବାର ସମ୍ବାଦ ଦୃଷ୍ଟିକୁ ଆସିଛି । ଯଦି ଏହା ସତ୍ୟ ତାହେଲେ ସାଂଘାତିକ । ବିକାଶ ନାଁ ରେ ବ୍ୟାପକ ଖଣି ଖନନ କରି ପରିବେଶ କୁ ଧ୍ୱଂସ କିମ୍ଵା ବ୍ୟାପକ ବିସ୍ଥାପନ କରିବା ଏକ ଜନ ମଙ୍ଗଳ ରାଷ୍ଟ୍ରର ଉଦ୍ଦେଶ୍ୟ ନୁହେଁ । ତେଣୁ ବିକାଶ ନାଁ ରେ ହେଉଥିବା ବିନାଶ କବଳରୁ ଦେଶକୁ ରକ୍ଷା କରି ଗ୍ରାମ ସଭାମାନଙ୍କୁ ସିଡୁଲଡ୍ ଏରିଆ ରେ୧୯୯୬ ମସିହାରୁ ପାର୍ଲ୍ୟାମେନ୍ଟ ରେ ଆଇନ ପ୍ରଣୟନ କରି ପେଶା ଏକ୍ଟ ୧୯୯୬ ଅନୁମୋଦନ କରାଯାଇଛି । କିନ୍ତୁ ଆଜି ଯାଏଁ ଏହି ଏକ୍ଟ କୁ ସମ୍ପୂର୍ଣ୍ଣ ଭାବରେ ଲାଗୁ କରାଯାଇନଥିବା ବେଳେ ବଲାଙ୍ଗିର ଜିଲ୍ଲା ଓ କୋସଳାଂଚଳରେ ଏଭଳି ଖଣିଖନନ କରା ନ ଯାଉ ବୋଲି ଶ୍ରୀ ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟର ଖଣି ମନ୍ତ୍ରୀ ଙ୍କୁ ଅନୁରୋଧ କରିଛନ୍ତି । ଆଜିର ସାଂବାଦିକ ସମ୍ମିଳନୀ ଯାହାକି ବଲାଙ୍ଗିର ସାଂବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ କୋସଲବାଦୀ ନେତା, ଅବଦୁଲ ଜମାଲ ଖାନ, ଶରତ ଚନ୍ଦ୍ର ହୋତା, ରବି ଶଙ୍କର ମିଶ୍ର ଓ ରଣରାଜ ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ରିମୁଳି-ଇଚିଣ୍ଡା ଅରଡେଇ ପୋଲ

ଚମ୍ପୁଆ, ୨୩/୬ (ନି.ପ୍ର): ଦୀର୍ଘ ୧୪ ବର୍ଷ ଧରି ନିର୍ମାଣାଧୀନ ଅବସ୍ଥାରେ ଥିବା ରିମୁଳି - ଇଚିଣ୍ଡା ଅରଡେଇ ପୋଲ ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ପୋଲର ଆପ୍ରୋଚ୍ ରୋଡ ପାଇଁ ଆଜି ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ରିମୁଳି ୟୁପି ସ୍କୁଲରେ ଏକ ଗ୍ରାମସଭାର ଆୟୋଜନ ହୋଇଥିଲା । ଉକ୍ତ ସଭାରେ ରିମୁଳି ଗ୍ରାମବାସୀ ଓ ପୋଲର ଆପ୍ରୋଚ ରୋଡ ପାଇଁ ଜମି ହରାଉଥିବା ବ୍ୟକ୍ତିମାନଙ୍କୁ ନେଇ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଉଦ୍ୟମ ଯୋଗୁଁ ଆପ୍ରୋଚ ରୋଡ ପାଇଁ ଲାଗି ରହିଥିବା ଜମି ସମସ୍ୟାର ସମାଧାନ ନେଇ ସହମତି ପ୍ରକାଶ ପାଇଥିବା ଜଣାପଡିଛି । ସୂଚନା ଯୋଗ୍ୟ କି ୨୦୧୧ରୁ ଆରମ୍ଭ ହୋଇଥିବା ଏହି ପୋଲର ନିର୍ମାଣ ସରିବା ପାଇଁ ତିନି ବର୍ଷ ଅବଧି ଥିବାବେଳେ ବିଭାଗୀୟ ଆନ୍ତରିକତା ଓ ଅପାରଗତା ପାଇଁ ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ପୋଲଟି ଅଧାପନ୍ତରିଆ ଅବସ୍ଥାରେ ପଡିଛି । ପୋଲ ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ ଅଳ୍ପ କିଛି କାମ ବାକି ରହିଛି । ତେବେ ପୋଲର ଆପ୍ରୋଚ ରୋଡ ନିର୍ମାଣ ହୋଇ ପାରୁ ନ ଥିବାରୁ ପୋଲଟି ଲୋକଙ୍କ କାର୍ଯ୍ୟରେ ଆସି ପାରୁନଥିଲା । ଆପ୍ରୋଚ ରୋଡର କିଛି ଅଂଶ ଲୋକଙ୍କ ବ୍ୟକ୍ତିଗତ ଜମି ଉପରେ ଯାଉଥିବାରୁ ଜମି ଅଧିଗ୍ରହଣ ନେଇ ଆପ୍ରୋଚ ରୋଡ କାମ ଅଟକି ରହିଥିଲା । ଏହି ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଚମ୍ପୁଆ ଉପଖଣ୍ଡର ୨୫ଟି ପଂଚାୟତର ଲକ୍ଷାଧିକ ଲୋକେ ନାହିଁ ନ ଥିବା ହଇରାଣ ହେଉଥିଲେ । ତେବେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ଉଦ୍ୟମ ଯୋଗୁଁ ପୋଲ କାମ ସମ୍ପୂର୍ଣ୍ଣ ହେବା ନେଇ ଆଶା ସୃଷ୍ଟି ହୋଇଛି । ଆଜିର ଏହି ସଭାରେ ଚମ୍ପୁଆ ତହସିଲଦାର ସଜତ ମାର୍କି, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ପ୍ରଧାନ, ରିମୁଳି ରାଜସ୍ୱ ନୀରିକ୍ଷକ ରାମେଶ୍ୱର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଠାରୁ ଠିକା ସଂସ୍ଥା ଦ୍ୱାରା ଆପ୍ରୋଚ ରୋଡରେ ମାଟି ପକା କାର୍ଯ୍ୟ ଆରମ୍ଭ ହୋଇଛି । ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀ ଓ ପୋଲ ନିର୍ମାଣକାରୀ ଠିକା ସଂସ୍ଥାକୁ ଅତି ଶୀଘ୍ର ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

# ରଥଯାତ୍ରା ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ

ଭୁବନେଶ୍ୱର, ୨୩/୬ (ନି.ପ୍ର): ପୁରୀରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ତୀର୍ଥଯାତ୍ରୀ ଏବଂ ପରିଦର୍ଶକ ମାନଙ୍କ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛି । ରଥଯାତ୍ରା ୨୦୨୫ ସମୟରେ ନିୟମିତ ଚଳାଚଳ କରୁଥିବା ଟ୍ରେନ ବ୍ୟତୀତ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବା ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଉଅଛି । ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚଳାଚଳ କରାଯିବାକୁ ଯୋଜନା କରାଯାଇଛି ଏବଂ ରଥଯାତ୍ରା ମହୋତ୍ସବର ପ୍ରମୁଖ ଦିନଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯିବାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଅଛି ଯାହା ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ), ଜଗଦଳପୁର ଓ ଗୋଣ୍ଡିଆ (ଛତିଶଗଡ଼) ଏବଂ ସାନ୍ତ୍ରାଗାଛି / କଲିକତା (ପଶ୍ଚିମବଙ୍ଗ) ସହିତ ଟ୍ରେନ ସେବା ସଂଯୋଗ କରିବ । ଏହି ବ୍ୟାପକ ରେଳ ସଂଯୋଗୀକରଣ କେବଳ ମହୋତ୍ସବ ସମୟରେ ତୀର୍ଥଯାତ୍ରୀଙ୍କ ବିପୁଳ ସଂଖ୍ୟାକୁ ପୂରଣ କରିବ ନାହିଁ ବରଂ ଦୂରଦୂରାନ୍ତ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ଲୋକଙ୍କ ପାଇଁ ଯାତ୍ରାକୁ ଯଥେଷ୍ଟ ସହଜ କରିବ । ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ଯେଉଁଥିରେ ରାଉରକେଲା, ବାଦାମପାହାଡ଼, ବୀରମିତ୍ରପୁର, ବାଙ୍ଗିରିପୋଷି, ବାଲେଶ୍ୱର, ବଡ଼ବିଲ, ଅନୁଗୁଳ, ପାରାଦୀପ, ଭଦ୍ରକ, କେନ୍ଦୁଝର, ପଲାସା, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ବଡ଼ବିଲ, ଜଗଦଳପୁର ଓ ଗୋଣ୍ଡିଆ (ଛତିଶଗଡ଼), ସନ୍ତ୍ରାଗାଛି (ପଶ୍ଚିମବଙ୍ଗ) ଏବଂ ପଲାସା ଓ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ଉତ୍ସର୍ଗୀକୃତ ସେବା ଉପଲବ୍ଧ ହେବ । ଚଳିତ ବର୍ଷ ରଥଯାତ୍ରା ବ୍ୟବସ୍ଥା ୨୦୨୪ ରଥଯାତ୍ରା ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ସୁନିଶ୍ଚିତ କରିଛି ଯେତେବେଳେ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳିତ ହୋଇଥିଲା । ଏହି ବର୍ଦ୍ଧିତ ସଂଖ୍ୟା ସହିତ ପୂର୍ବ ତଟ ରେଳପଥ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଆଧ୍ୟାତ୍ମିକ ପର୍ବ ସମୟରେ ସମସ୍ତ ଭକ୍ତଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ଦକ୍ଷ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରୁଅଛି ।

# ମାନ୍ୟବର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଡାଇରିଆ ପ୍ରତିରୋଧ ଓ ରଥଯାତ୍ରା-୨୦୨୫ ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ



ବାରିପଦା, ୨୩/୬ (ନି.ପ୍ର):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ, ଡ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ଦେଖାଯାଉଥିବା ହୋଇଜା /ଝାଡାବାନ୍ତି ପ୍ରତିରୋଧ ଓ ରଥଯାତ୍ରା -୨୦୨୫ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମା ନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ କିଶୋର ଆଚାର୍ଯ୍ୟ ଓ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ଯୋଗ ଦେଇଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଦିପାର୍ଟମେଣ୍ଟର ଅଧିକାରୀ,ମନ୍ଦିର ପରିଛା, ପୂଜକ, ରଥ ମହାପାତ୍ର, ସେବାୟତ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମାନ୍ୟବର ମନ୍ତ୍ରୀ ପ୍ରଥମେ ସମ୍ପ୍ରତି କିଛି ଜିଲ୍ଲାରେ ହୋଇଜା ଓ ଝାଡାବାନ୍ତିରେ ଲୋକମାନେ ଆକ୍ରାନ୍ତ ହେଉଥିବାରୁ ସେଥିପ୍ରତି ସଜାଗ ରହିବା ପାଇଁ ନିର୍ଦେଶ ଦେଇଥିଲେ। ବର୍ଷା ଦିନରେ ସାଧାରଣତଃ ପାଣି ଦୂଷିତ ହେଉଥିବା କାରଣରୁ ଡ଼ାଇରିଆ ଓ ଜଣ୍ଡିସରେ ଆକ୍ରାନ୍ତ ହେବାର ଆଶଙ୍କା ଥାଏ ଏବଂ ଜମିରହୁଥିବା ବର୍ଷାଜଳରୁ ମଶାମାନଙ୍କ ଜନ୍ମ ହେତୁ ମ୍ୟାଲେରିଆ, ଡେଙ୍ଗୁ ଜ୍ୱର ହେବାର ମଧ ଆଶଙ୍କା ରହିଛି। ଗ୍ରାମାଞ୍ଚଳରେ ଲୋକମାନେ କିପରି ବିଶୁଦ୍ଧ ପିଇବା ପାଣି ପାଇ ପାରିବେ ସେ ଦିଗରେ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା କରିବା ସହିତ ନଳକୂପ ଗୁଡିକ ନିୟମିତ ଭାବେ ଜୀବାଣୁନାଶକ କରିବା ପାଇଁ ପଦକ୍ଷେପ ନେବା ଏବଂ ଚୁଆ ପାଣି ବ୍ୟବହାର କରୁଥିବା ଅଂଚଳରେ ପାଣି ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦେଶ ଦେଇଛନ୍ତି। ସର୍ବୋପରି ଜିଲ୍ଲାରେ ଯେପରି ଏସବୁ ରୋଗ ସଂକ୍ରମଣ ନହୁଏ ସେଥିପାଇଁ ଆଗୁଆ ସତର୍କ ରହିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଛି। ଚୋରି ଛିନତାଇ ଓ ଅସାମାଜିକ କ୍ରିୟାକଳାପକୁ ରୋକିବା ଲାଗି ସିସି କ୍ୟାମେରାର ବ୍ୟବସ୍ଥା କରିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସିଭିଲ ସ୍କ୍ୱାଡ଼ ସହିତ ସାଧା ପୋଷାକରେ ପୋଲିସ ମୁତୟନ ହେବେ। ଟ୍ରାଫିକ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ମୁତୟନ ହେବେ ଏବଂ ମା ସୁଭଦ୍ରାଙ୍କ ରଥ ଟଣା ସମୟରେ ପାର୍ଯ୍ୟାପ୍ତ ସଂଖ୍ୟକ ମହିଳା ପୋଲିସ ମୁତୟନ ହେବେ।ରଥଯାତ୍ରା ସମୟରେ ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାଗୁଡିକରେ ଆଲୋକ ବ୍ୟବସ୍ଥା କରାଯିବ। ଏତଦ ବ୍ୟତୀତ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ବଡଦାଣ୍ଡରେ ଏମ ପି ସି ଜୁନିଅର କଲେଜ ଓ ମହିଳା ମହାବିଦ୍ୟାଳୟ ରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯିବ। ସେହିପରି ରଥଯାତ୍ରା ସମୟରେ ବଡଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଫେସବୁକ, ୟୁଟ୍ୟୁବ ମାଧ୍ୟମ ରେ ସିଧାପ୍ରସାରଣ ଏବଂ ଧାରକ୍ଷବିବରଣୀର ବ୍ୟବସ୍ଥା ପାଇଁ ସ୍ଥିର କରାଯାଇଛି। ସେହିପରି ପରମ୍ପରା ଅନୁଯାୟୀ ରଥ ଉପରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଲଡୁ ବଣ୍ଟନ ବ୍ୟବସ୍ଥା ପୋଲିସ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କରାଯିବା ନେଇ ମତାମତକୁ ବିଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା ସମୟରେ ବେଆଇନ ନିଶା କାରବାରକୁ ରୋକିବା ପାଇଁ ପଦକ୍ଷେପ ନେବା ସହିତ, ଦର୍ଶନ ପାଇଁ ଦୂରଦୁରାନ୍ତରୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯାତାୟତର ସୁରକ୍ଷା ନିମନ୍ତେ ଗାଡି ଚାଳକଙ୍କ ଦ୍ୱାରା ବେପରୁଆ ଗାଡି ଚାଳନା କିମ୍ବା ନିଶା ସେବନ କରି ଗାଡି ଚାଳନା କରୁଥିବା ଗାଡି ଚାଳକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅବକାରୀ, ପୋଲିସ ପ୍ରଶାସନ ଓ ଆର ଟି ଓ ଙ୍କୁ ନିର୍ଦେଶ ଦିଆଯାଇଛି। ସେହିପରି ବଡଦାଣ୍ଡକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଭକ୍ତ ମାନେ ମହାପ୍ରଭୁଙ୍କ ପାଖରେ ଲାଗି କରିବା ପାଇଁ ନେଉଥିବା ଭୋଗ ସାମଗ୍ରୀକୁ ଦୋକାନୀ ମାନେ ଶାଳପତ୍ରରେ ପ୍ରସ୍ତୁତ ଖଲି/ ଦୋନାରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## କଲେରା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୨୩ ଜୁନ (ହି.ସ.)- ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କଲେରା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଲେ ବର୍ଷା ଦିନେ ପାଣି ଦୂଷିତ ହୋଇଯାଇଛି, ଏଥିରେ ଜୀବାଣୁ, ଭୂତାଣୁ ରହିଛନ୍ତି। ବାହାର ଜଳ ଖାଦ୍ୟ ଆଦି ଆଦୌ ନିଅନ୍ତୁ ନାହିଁ। ଦୂଷିତ ଜଳ, ଖାଦ୍ୟ ସେବନ କଲେ ଭାଇବ୍ରୋ କୋଲାଇ ସଂକ୍ରମଣ ହୋଇ ପେଟମୋଡ଼ା ସହ ପତଳା ଝାଡ଼ା, ବାନ୍ତି, ଜଳୀୟ ଅଂଶ କମରୁ ଦୁର୍ବଳ, ହାତ ଗୋଡ଼ କ୍ରାମ୍ପ ହେବା ସହ ରକ୍ତଚାପ କମେ। ମୁଥା. ପିତା ପାପଡା, ବେଣାଚେର, ଚନ୍ଦନ, କୁରୁବେଲି, ଶୁଣ୍ଠି ଛ ଗୁଣ ପାଣିରେ ସିଝାଇ ବାରମ୍ବାର ପିଆନ୍ତୁ କିମ୍ବା ଫୁଟା ପାଣିରେ ଲୁଣ, ଗୁଡ଼, ଅଳ୍ପ ଲେମ୍ବୁ ମିଶାଇ ପିଆନ୍ତୁ, ପଇଡ଼ ପିଆନ୍ତୁ। ଜାଇଫଳ ଓ କୁଟଜ ଛାଲି ଘୋରି ବାରମ୍ବାର ଦିଅନ୍ତୁ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କର ପେନ୍‌ସନ୍ ବୃଦ୍ଧି ସଂପର୍କୀୟ ଦାବିପତ୍ର ପ୍ରଦାନ



ଭଦ୍ରକ, ୨୩/୬ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତି, ଉପସଭାପତି ହରମୋହନ କୁଅଁର, ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ, ଯୁଗ୍ମ ସଂପାଦକ ଅଜିତ କୁମାର ନାୟକ, ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର, ଲକ୍ଷ୍ମଣ କୁମାର ମହାନ୍ତିଙ୍କ ନେତୃତ୍ୱ ଓ ପରିଚାଳନାରେ ଭଦ୍ରକ ଜିଲ୍ଲାପାଳଙ୍କ ମାଧ୍ୟମରେ ଅଷ୍ଟମ ବେତନ କମିଶନରରେ ପେନ୍‌ସନରଙ୍କ ପେନସନ୍ ବୃଦ୍ଧି ଓ ତତ୍ ସଂକ୍ରାନ୍ତୀୟ ଆର୍ଥିକ ମଞ୍ଜୁରୀ ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ପେନ୍‌ସନ୍‌ରଙ୍କ ଦାବୀପତ୍ର ପ୍ରଦାନ କରାଯାଇଅଛି। ପ୍ରାକ୍ ସ୍ୱାଧୀନତା ଓ ସ୍ୱାଧୀନତା ପରେ ପୂର୍ବରୁ ୭ଟି ବେତନ କମିଶନରରେ କାର୍ଯ୍ୟରତ କର୍ମଚାରୀଙ୍କ ଦରମା ଓ ଦୀର୍ଘଦିନ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କର ପେନ୍‌ସନ୍ ଆନୁପାତିକ ଭାବରେ ବୃଦ୍ଧି ହୋଇ ଆସୁଅଛି। ମାତ୍ର ୨୦୨୬ ମସିହାରେ ହେବାକୁ ଥିବା ବେତନ କମିଶନରରେ ସମସ୍ତ ବର୍ଗର ପେନସନ୍‌ରଙ୍କର ପେନ୍‌ସନ୍ ଓ ତତ୍ ସଂକ୍ରାନ୍ତୀୟ ଆର୍ଥିକ ସୁବିଧାରୁ ବଞ୍ଚିତ କରାଇବା ପାଇଁ ବେତନ କମିଶନରର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ସରକାର ଲୋକସଭା ଓ ରାଜ୍ୟ ସଭାରେ ପାଶ୍ କରାଇ ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ ମୋହର ଲଗାଇ ଆଇନ୍ ପ୍ରଣୟନ କରାଇଥିବାରୁ ଭାରତବର୍ଷର ସମସ୍ତ ବର୍ଗର ଅବସରପ୍ରାପ୍ତ କର୍ମଚାରୀ ତଥା ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ମୌଳିକ ଓ ମାନବିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ଏହାର ଦୃଢ଼ ପ୍ରତିବାଦ ସହ ପେନ୍‌ସନରଙ୍କୁ ଅଷ୍ଟମ ବେତନ କମିଶନରରେ ପେନ୍‌ସନ ଓ ତତ୍ ସଂକ୍ରାନ୍ତୀୟ ଆର୍ଥିକ ସୁବିଧା ପ୍ରଦାନ ପାଇଁ ପୁର୍ନବିଚାର କରି ପ୍ରଣୟନ କରିଥିବା ଆଇନର ପ୍ରତ୍ୟାହାର କରାଇବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସର୍ବଭାରତୀୟ ସ୍ତରର ପେନ୍‌ସନ୍‌ର ଫେଡ଼େରେସନର ଅର୍ନ୍ତଭୁକ୍ତ ଆମ ଜିଲ୍ଲା ସଂଘ, ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଅଛି। ଜିଲ୍ଲା ସଂଘର ଦାବୀପତ୍ରର ଏକକିତା ଅବିକଳ ନକଲ ରାଜ୍ୟ ସଂଘକୁ ମଧ ପ୍ରେରଣ କରାଯାଇଅଛି। କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକ୍ ଓ ଜୋନ୍‌ର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ମଦନ ମୋହନ ନାୟକ, ଉପେନ୍ଦ୍ର ନାଥ ରାଉତ, ଯୁଧିଷ୍ଠିର ବାରିକ, ପ୍ରତାପ ଚନ୍ଦ୍ର ଦଳାଇ, ବସନ୍ତ କୁମାର ଦେ, ଅରୁଣ କୁମାର ମିତ୍ର, କାଶୀନାଥ ମହାପାତ୍ର, ଚନ୍ଦ୍ରମୋହନ ମହାନ୍ତି, ଆଦିତ୍ୟ କୁମାର ନାୟକ, ରମାକାନ୍ତ ନାୟକ, ବାଇଧର ମହାପାତ୍ର, ରାମଚନ୍ଦ୍ର ସାହୁ, ପୀତବାସ ପାଣି, ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଅବସରପ୍ରାପ୍ତ ଡିପ୍ଲୋମା ଇଞ୍ଜିନୟର ସଂସ୍ଥାର କର୍ମକର୍ତ୍ତା ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ବିଦ୍ୟୁତ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ସଂଘର କର୍ମକର୍ତ୍ତା ଇଂ.ସୁରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସକ୍ରିୟ ଉପସ୍ଥିତ ରହି ଦାବୀପତ୍ର ପ୍ରଦାନରେ ସହଯୋଗ କରିଥିଲେ।


## AFFIDAVIT

An affidavit before the executive Magistrate-Cum-Tahasildar, Betnoti, I, Pritom Biswal formely called Pritam Biswal, S/o Dilip Kumar Biswal, permanent resident of At- Salabani Samil Nahandasol, Po-Tarakothi, P.s- Betnoti, Dist- Mayurbhanj, Pin-757100 state that I wholly renounce, relinquish and abandon the use of my old name Pritam Biswal and assume the name of Pritom Biswal. I shall be known as Pritom Biswal in all records, deeds and writings and in all proceedings, dealings, transactions private as well as public.

**Pritom Biswal**





# ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗରେ ନୂତନ ଅଗ୍ନିବାହନ ସାମିଲ



ରାଉରକେଲା, ୨୩/୬ (ନି.ପ୍ର): ସେଲ୍ ରାଉରକେଲା ଇସ୍ପାତ କାରଖାନାର ଅଗ୍ନିଶମ ସେବା ବିଭାଗ ଗୋଟିଏ ନୂତନ ଫୋମ୍ ଫାୟାର ଟେଣ୍ଡର ଏବଂ ଦୁଇଟି ଫାୟାର ମାଷ୍ଟର ଜିପ୍ ସାମିଲ କରି ଏହାର ଜରୁରୀକାଳୀନ ପ୍ରତିକ୍ରିୟା ବାହନସମୂହକୁ ବୃଦ୍ଧି କରିଛି। ଜୁନ୍ ୨୧ ତାରିଖରେ କେନ୍ଦ୍ରୀୟ ଅଗ୍ନିଶମ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମେକାନିକାଲ୍ ଓ ସମ୍ବ ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଆର ଏନ୍ ରାଜେନ୍ଦ୍ରନ୍, ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ଶ୍ରୀମତୀ ଆଶା ଏସ୍ କାର୍ଥା, ପ୍ଲେଟ ମିଲ ବିଭାଗର ସିଜିଏମ ଶ୍ରୀ ଏତୁଆ ଓରାମ, ମେକାନିକାଲ୍ ବିଭାଗର ସିଜିଏମ ଶ୍ରୀ ଡି ପାଲୋ, ଏବଂ ଅଗ୍ନିଶମ ସେବା ବିଭାଗର ଜିଏମ ଶ୍ରୀ ଜେ ବି ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ବାହନଗୁଡ଼ିକୁ କମିଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଯୋଗାଣକାରୀ ମେସର୍ସ ରୋହିତ ଏଣ୍ଟରପ୍ରାଇଜେସ୍, ନୂଆଦିଲ୍ଲୀ ଏବଂ ମେସର୍ସ ଇଣ୍ଟିଗ୍ରେଟେଡ୍ ଫାୟାର ପ୍ରୋଟେକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍, କୋଲକାତାର ପ୍ରତିନିଧିଙ୍କ ସମେତ ଆରଏସପିର ବହୁ ଅଗ୍ନିଶମ ସେବା କର୍ମଚାରୀ ଉପସ୍ଥିତ ଥିଲେ।

ନୂତନ ଭାବରେ ସାମିଲ ହୋଇଥିବା ଯାନଗୁଡ଼ିକ ଅତ୍ୟାଧୁନିକ ଅଗ୍ନି ନିର୍ବାପନ ପ୍ରଣାଳୀ ଏବଂ ପ୍ରକ୍ସିମିଟି ସୁଟ୍ ସମେତ ଉନ୍ନତ ଉଦ୍ଧାର ଗିଅର୍ ସହିତ ସଜ୍ଜିତ ଅଟେ। ଉଚ୍ଚ ଦକ୍ଷତା ଏବଂ ଦ୍ରୁତ ପ୍ରତିକ୍ରିୟା ପାଇଁ ଡିଜାଇନ୍ ହୋଇଥିବା ଏହି ଯାନଗୁଡ଼ିକ ପ୍ଲାଣ୍ଟ ଏବଂ ଟାଉନସିପ୍ ମଧ୍ୟରେ ସଂକୀର୍ଣ୍ଣ ଏବଂ ଭିଡ଼ ଅଞ୍ଚଳଗୁଡ଼ିକୁ ଯାଇ ପାରିବ, ଜରୁରୀକାଳୀନ ସମୟରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବ। ସେମାନଙ୍କର ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ ପ୍ରତିକ୍ରିୟା ସମୟ ହ୍ରାସ କରିବ ଏବଂ ସାମଗ୍ରିକ ଅଗ୍ନି ନିରାପତ୍ତା ଭିତ୍ତିଭୂମିକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ସେବା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଶୁଭବ୍ରତ ସାହୁ ସଂଯୋଜନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇସ୍ରାଏଲକୁ ଇରାନ ...

ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ମଧ୍ୟରେ, ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ରାତିରେ ଏକ ବଡ଼ ସାମରିକ ଆକ୍ରମଣ କରିଥିଲା । ଇସ୍ଫାହାନରେ ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରିଛି । ଏହା ସହିତ, ଇରାନର ମିସାଇଲ ସହିତ ଜଡ଼ିତ ଘାଟି ଉପରେ ମଧ ଆକ୍ରମଣ କରିଛି ଆଇଡିଏଫ୍ । ଡ୍ରୋନ୍ ଆକ୍ରମଣର ସତର୍କତା ଯୋଗୁଁ ଦକ୍ଷିଣ ଇସ୍ରାଏଲର ଆରାଭା ଅଞ୍ଚଳର ଅନେକ ଅଞ୍ଚଳରେ ସାଇରନ୍ ବାଜିଥିଲା । ପ୍ରାରମ୍ଭରେ ଜୁକିମ୍ ଅଞ୍ଚଳରେ ସାଇରନ୍ ବାଜିଥିଲା, ତା'ପରେ ଆଖପାଖର ଅନ୍ୟାନ୍ୟ ଅଞ୍ଚଳରେ ମଧ ସତର୍କତା ଜାରି କରାଯାଇଥିଲା । ରୁଷ ରାଷ୍ଟ୍ରପତି ପୁଟିନ କହିଛନ୍ତି, ଇସ୍ରାଏଲକୁ ଆଶ୍ୱାସନା ଦିଆଯାଇଛି ଯେ ଇରାନର ପରମାଣୁ ଅସ୍ତ୍ର ତିଆରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ପୁଟିନଙ୍କ ଅନୁଯାୟୀ, ରୁଷ ଲଗାତାର ସ୍ପଷ୍ଟ କରିଆସିଛି ଯେ ଇରାନ ପରମାଣୁ ଅସ୍ତ୍ର ହାସଲ କରିବାକୁ ଚାହୁଁନାହିଁ । ତୁର୍କୀ ପ୍ରଧାନମନ୍ତ୍ରୀ ଏର୍ଦୋଗାନ୍ କହିଛନ୍ତି, ନେତାନ୍ୟାହୁଙ୍କ ସରକାର ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠାରେ ସବୁଠାରୁ ବଡ଼ ପ୍ରତିବନ୍ଧକ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ମଧ୍ୟସ୍ଥତା ପ୍ରୟାସ ଉପରେ ସନ୍ଦେହ ପ୍ରକାଶ କରି କହିଛନ୍ତି , ଇରାନ ୟୁରୋପ ସହ କଥା ହେବାକୁ ଚାହୁଁନାହିଁ । ଇରାନରେ ଇସ୍ରାଏଲ ଆକ୍ରମଣରେ ଜଣେ ଇରାନୀ ପରମାଣୁ ବୈଜ୍ଞାନିକଙ୍କ ସହ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ଇରାନୀ ମିଡିଆ କହିଛି । ଅନ୍ୟପଟେ ଇରାନ ମାନବାଧିକାର କହିଛି, ଇସ୍ରାଏଲ ସହ ସହଯୋଗ ସମ୍ପର୍କିତ ଅଭିଯୋଗରେ ଦେଶବ୍ୟାପୀ ଅତି କମରେ ୨୨୩ ଜଣଙ୍କୁ ଗିରଫ କରାଯାଇଛି । ଇରାନ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଇସ୍ରାଏଲ ସହିତ ସଂଘର୍ଷ ଆରମ୍ଭ ହେବା ପରଠାରୁ ଇରାନରେ ଅତି କମରେ ୪୩୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩,୫୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି ।

### କମୁଛି ସୁବର୍ଣ୍ଣରେଖା ...

ବାଲିଆପାଳ ବ୍ଲକ୍ ଅସ୍ତି ବ୍ଲକ ବଡାପାଳ ଗାଁରେ ବନ୍ୟା ବିଭୀଷିକା ଭିତରେ ଅଣ୍ଟାଏ ପାଣିରେ ରାସ୍ତା ଅଣ୍ଡାଳି ଯାଉଛନ୍ତି ଅଙ୍ଗନୱାଡ଼ି କର୍ମୀ। ଲୋକଙ୍କୁ ମେଡିସିନ୍, ଓଆରଏସ ପାଉଡର, ଆଉ ହାଲେଜେନ୍ ବଟିକା ଦେବାକୁ ବେଶ୍ ସତର୍କତାର ସହ ଅକାତକାତ ପାଣିରେ ଆଗକୁ ଯିବାକୁ ପଡୁଛି। ସମାନ ସ୍ଥିତି ଭୋଗରାଇ ବ୍ଲକର ଗବଗାଁ ପଂଚାୟତରେ। ଏଠି ବି ପାଣିର ଆଁ ଭିତରେ ଏକାକାର ଗାଁ- ଗଣ୍ଡା, ବିଲ-ବାଡ଼ି ଓ ରାସ୍ତା-ଘାଟ। ମୁଖ୍ୟ ରାସ୍ତାରେ ଅଣ୍ଟାଏ ଉଚ୍ଚର ପାଣି। ତାରି ଭିତରେ ବିପଦପୂର୍ଣ୍ଣ ଭାବେ ଯାଆ ଆସ କରୁଛନ୍ତି ବନ୍ୟା ଦୁର୍ଗତ। ଏପଟେ ଭୋଗରାଇ ବ୍ଲକର କୁସୁଡ଼ା ଓ ଗୁଜୁଡିହା ଭଳି ଅଞ୍ଚଳରେ ଆଜି ବି ଲୋକଙ୍କ ଭରସା ସାଜିଛି କାତ ଆହୁଲା ଦେଶୀ ଡଙ୍ଗା। ଦିନ ପରେ ଦିନ ବିତୁଥିଲେ ବି ପାଣି କମିବାର ନାଁ ନେଉନଥିବାରୁ ଅଣନିଶ୍ୱାସୀ ହୋଇପଡ଼ିଲେଣି ବନ୍ୟା ପ୍ରଭାବିତ। ଆଜି ସୁଦ୍ଧା ଜଳେଶ୍ୱର ବ୍ଲକରେ ବନ୍ୟାସ୍ଥିତିରେ ଉନ୍ନତି ଆସିଛି। ହେଲେ ବାଲିଆପାଳ ଓ ଭୋଗରାଇ ବ୍ଲକର ପ୍ରାୟ ୬ଟି ପଞ୍ଚାୟତର ୨୦ରୁ ଅଧିକ ଗାଁ ପାଣି ଘେରରେ। ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି ୧୫ ହଜାରରୁ ଅଧିକ ଲୋକେ। ପାଣିରେ ଖାଲି ରାସ୍ତାଘାଟ ନୁହେଁ, ହାଟ ବଜାର ବି ବୁଡ଼ି ରହିଥିବାରୁ ଠପ୍ ହୋଇଯାଇଛି ଗରିବ ଗୁରୁବା ଓ ଚାଷୀ ମୁଲିଆଙ୍କ ବେଉଷା। ଏପଟେ ବନ୍ୟା କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଆଜି ବି ସେମାନଙ୍କ ପାଖରେ ପହଞ୍ଚି ପାରିନି ରିଲିଫ୍ ସାମଗ୍ରୀ ଓ ଉଦ୍ଧାରକାରୀ ଟିମ୍। ଅନେକ କଚ୍ଚା ଘର ଛାଡ଼ି ସ୍କୁଲ ଘର ଓ ଅନ୍ୟ ଆଶ୍ରୟସ୍ଥଳିକୁ ଚାଲି ଆସିଛନ୍ତି। ଆଉ ଯିଏ ଭଙ୍ଗା ଘରେ ରହିଛି, ସିଏ ଭିଜା ଚୁଲିରେ ରୋଷେଇ ବାସ କଥା ଚିନ୍ତା ବି କରି ପାରୁନି। ତେଣୁ ଭୋକ ଓପାସରେ କଟୁଛି ଦିନ ପରେ ଦିନ।

### ଅଭିଯୁକ୍ତଙ୍କ ଫୋନ୍‌ରେ...

ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ଯେତିକି ପ୍ରମାଣ ମିଳିଛି, ତାହା ଅଭିଯୁକ୍ତଙ୍କ ପାଇଁ ଯଥେଷ୍ଟ ବୋଲି କହିଛନ୍ତି ଡିଜି । ସୂଚନାଯୋଗ୍ୟ ଯେ, ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ନେଇ ସାରା ଦେଶ ଏବେ ହୁଲୁସ୍ଥୁଲ ହେଉଛି । ଏହାରି ଭିତରେ ରେଡ୍ ଫ୍ଲାଗ୍ ମାର୍କ କରି ଏହି ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ ଟିମ୍ । ଅଭିଯୁକ୍ତଙ୍କ ଠାରୁ ସଂଗ୍ରହ ହୋଇଥିବା ଡିଏନ୍‌ଏ ରିପୋର୍ଟ, କ୍ରାଇମସ୍ପଟ୍‌ରୁ ମିଳିଥିବା ଅଧାଜଳା ସିଗାରେଟ୍ ଏବଂ ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟରୁ ଖୋଲିବ ଗଣଦୁଷ୍କର୍ମ ମାମଲାର ପୂରା ରହସ୍ୟ । ଏହାରି ଭିତରେ ସମସ୍ତଙ୍କ ଭିତରେ କେବଳ ଗୋଟିଏ ପ୍ରଶ୍ନ କେବେ ମିଳିବ ପୀଡ଼ିତାଙ୍କୁ ନ୍ୟାୟ ? କେବେ ସଜା ପାଇବେ ଅପରାଧୀ ?

### ଯୁବଶକ୍ତି ଆମ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମ ଦେଶର ଯୁବ ସମାଜକୁ ବହୁ ଗୁରୁତ୍ୱ ଦିଅନ୍ତି । ସବୁ ସମ୍ଭାବନାର ମୂଳରେ ରହିଛି ଶିକ୍ଷା। ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ବ୍ୟକ୍ତିଗତ ତଥା ସାମଗ୍ରିକ ବିକାଶ ସାଧିତ ହେବ। ତେଣୁ, ଆମ ସରକାର ଆସିବା ମାତ୍ରେ ନୂତନ ଜାତୀୟ ଶିକ୍ଷା ନୀତିକୁ ତୁରନ୍ତ ଲାଗୁ କଲେ। ଶିକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରାଥମିକ ଶିକ୍ଷା ହେଉଛି ଆମର ମୂଳଦୁଆ । ତେଣୁ ଆମ ସରକାର ପିଲାଙ୍କ ଗୁଣାତ୍ମକ ମୌଳିକ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି। ଉଚ୍ଚ ଶିକ୍ଷାରେ ପିଏମ୍ ଉଷା ଯୋଜନା କାର୍ଯ୍ୟକାରୀ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମଣ୍ଡଳ କମିଶନର ଦୀର୍ଘ ୩୬ ବର୍ଷ ପରେ ଓଡ଼ିଶାର ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ପିଲାମାନେ ନ୍ୟାୟ ପାଇଲେ। ସେମାନଙ୍କ ପାଇଁ ଆମେ ଉଚ୍ଚଶିକ୍ଷାରେ ସଂରକ୍ଷଣ ଲାଗୁ କରିଛୁ। ବର୍ତ୍ତମାନ ସୁଦ୍ଧା ଆମେ ପ୍ରାୟ ୨୮,୦୦୦ ରୁ ଅଧିକ ସରକାରୀ ପଦବୀ ପୂରଣ କରିଛୁ ଏବଂ ଶିଳ୍ପାୟନ ମାଧ୍ୟମରେ ଆମେ ଯୁବଶକ୍ତିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ଆଣିଛୁ । ଉତ୍କର୍ଷ ଓଡ଼ିଶା ୨୦୨୫ ଆୟୋଜନ ରାଜ୍ୟରେ ପ୍ରାୟ ୧୩ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି । ଓଡ଼ିଶା ଏବେ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହେବାକୁ ଯାଉଛି। ସେଥିପାଇଁ ଆମେ ଯୁବବର୍ଗଙ୍କ ଦକ୍ଷତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛୁ। ରାଜ୍ୟର ଆଇ.ଟି.ଆଇ ଗୁଡିକୁ ସୁଦୃଢ କରାଯିବା ସହିତ ୱାର୍ଲଡ ସ୍କିଲ ସେଣ୍ଟର କେନ୍ଦ୍ର ମଧ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଖୋଲାଯିବ। ସେମିକଣ୍ଡକ୍ଟର, ଏଆଇ, ଏରୋସ୍ପେଶ ଏହିପରି ଅନେକ ଆଧୁନିକ ସ୍କିଲ୍ ଟ୍ରେନିଂ ପାଇଁ ଆଇଟିଇଏସ ସିଙ୍ଗାପୁର ସହିତ ବୁଝାମଣା କରାଯାଇଛି। ଏହା ସହିତ ବିଭିନ୍ନ ପ୍ଲେସମେଣ୍ଟ ଲିଙ୍କ୍‌ଡ ଟ୍ରେନିଙ୍ଗ କାର୍ଯ୍ୟକ୍ରମରେ ଯୁବକଙ୍କୁ ତାଲିମ ଦିଆଯାଇଛି। ଦକ୍ଷତା କ୍ଷେତ୍ରରେ ଓଡ଼ିଶାର ଇକୋସିଷ୍ଟମକୁ ସୁଦୃଢ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ ମଧ ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

### ରାଜ୍ୟପାଳଙ୍କ ଉଦ୍‌ବେଗ...

ଯଦି ମୁଁ ପଚାରିବି, କେତେ ଲୋକେ କୌଣସି ଏକ ନିର୍ଦ୍ଦିଷ୍ଟ କଲ୍ୟାଣକାରୀ ଯୋଜନାରେ ଯୋଗ ଦେଇଛନ୍ତି, ତେବେ ଉପସ୍ଥିତ ଲୋକଙ୍କ ମଧ୍ୟରୁ ୫ ପ୍ରତିଶତ ମଧ ହାତ ଉଠାଇବେ ନାହିଁ। ଯାହା ସୂଚାଇଦେବ ଯେ, ସେମାନେ ଯୋଜନାରେ ଯୋଗ ଦେଇଛନ୍ତି। ଏହା ଦର୍ଶାଉଛି ଯେ, ୯୫ ପ୍ରତିଶତ ଲୋକ କଲ୍ୟାଣକାରୀ ଯୋଜନାରେ ଯୋଗ ଦେଇନାହାନ୍ତି ବୋଲି ଓଡ଼ିଶା ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ସଚେତନତା ଏବଂ କାର୍ଯ୍ୟ ଉଭୟର ଗୁରୁତ୍ୱକୁ ଦୋହରାଇ କହିଛନ୍ତି ଯେ, କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କେବଳ ନୀତି ପ୍ରଣୟନ ଉପରେ ନୁହେଁ ବରଂ ପ୍ରଭାବଶାଳୀ ଯୋଗାଯୋଗ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ମଧ ନିର୍ଭର କରେ।

### ଲଭର୍ସ ପଏଣ୍ଟ ପାଇଁ ଚିନ୍ତାରେ...

ଅଧିକାଂଶ ଲଭର୍ସ ପଏଣ୍ଟରେ ଅସାମାଜିକ କାର୍ଯ୍ୟକଳାପର ମୂଳ କାରଣ ହେଉଛି ନିଶାସେବନ । ତେଣୁ ଏହି ସ୍ଥାନଗୁଡିକରେ ନିଶା କାରବାର କମ୍ କରିବାକୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ କାମ କରିବା ଉଚିତ । ଏହାଛଡା ଲଭର୍ସ ପଏଣ୍ଟରେ ସଂଯମ ଆଚରଣ ବି ଜରୁରୀ ବୋଲି ସାମାଜିକ କର୍ମୀ ଗୁରୁତ୍ୱ ଦେଇଛନ୍ତି । ଲଭର୍ସ ପଏଣ୍ଟକୁ ସରକାର ସୁରକ୍ଷା ଦେବାକୁ ଚିନ୍ତା କରୁଛନ୍ତି । ପ୍ରଶ୍ନ ଉଠୁଛି, ଅଘଟଣ ଘଟିବାର ଏକମାତ୍ର ସ୍ଥାନ ଲଭର୍ସ ପଏଣ୍ଟ କି ? ଲଭର୍ସ ପଏଣ୍ଟରେ ଅସାମାଜିକ ତତ୍ତ୍ୱଙ୍କୁ ସାବାଡ୍ କରିବାକୁ ପଦକ୍ଷେପ ନିଆଯାଉନାହିଁ କାହିଁକି ?

### ଭୁବନେଶ୍ୱରରେ ହେବ...

୪୮୦ କିଲୋମିଟର ସମୁଦ୍ରକୂଳ ଅଛି। ଚିଲିକା ପରି ହ୍ରଦ ଅଛି। ତେଣୁ ସେଥିପାଇଁ ବାୟୋ ଟେକ୍ନୋଲୋଜିର ବିକାଶ ପାଇଁ ୧୧୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ୫ ବର୍ଷରେ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ।

### ବିଜାପୁରରେ ବିସ୍ଫୋରକ...

ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ମଦେଡ଼, ଗଙ୍ଗାଲୁର ଏବଂ ଜାଙ୍ଗଲା ପୋଲିସ ଷ୍ଟେସନରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସୋମବାର ସମସ୍ତ ୫ ଜଣ ଗିରଫ ନକ୍ସଲଙ୍କୁ କୋର୍ଟରେ ହାଜର କରାଯାଇଥିଲା।
ମଦେଡ଼ ପୋଲିସ ଷ୍ଟେସନ ଦୁଧେଡ଼ା ଏବଂ ଦମ୍ପାୟା ମଧ୍ୟବର୍ତୀ ଜଙ୍ଗଲରୁ ଜଣେ ନକ୍ସଲ ସଞ୍ଜୟ ମରପଲ୍ଲୀ(୩୬ ବର୍ଷ)ଙ୍କୁ ଗିରଫ କରିଛି। ତା ଠାରୁ ବିସ୍ଫୋରକ ସାମଗ୍ରୀ, ନକ୍ସଲ ପୋଷାକ, ବ୍ୟାକପ୍ୟାକ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଜବତ କରାଯାଇଛି।

# କୁଚିଣ୍ଡା ବ୍ଲକଠାରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୨୩/୬ (ନି.ପ୍ର): ଆଜି କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଏସ.ପି ଙ୍କ ର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୪୯ ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୩୭ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୧ଟି ଗ୍ରାମୀୟ ସମସ୍ୟା,୧ଟି ସମସ୍ୟା ରେଡକ୍ରସ ର ସହାୟତା ରାଶି ନିମନ୍ତେ ଜଡିତ ଥିଲା।୨ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା । ଆଜି ଜିଲ୍ଲାପାଳ ସମ୍ବଲପୁର ଅଭିଯୋଗ ଶୁଣାଣି ଠାରେ ରେଡକ୍ରସ ଅଧୀନରେ ୧ ଜଣ ହିତାଧିକାରୀଙ୍କୁ ୩୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

ବାରିପଦା , ୨୩/୬ (ନି.ପ୍ର): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଜୁବୁଲି ପେଟ୍ରୋଲ ପମ୍ପ ନିକଟସ୍ଥ ପଡିଆରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣଓମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତି ମନୋରଞ୍ଜନ ଜୀଉ ଏହି ଟୁର୍ଣ୍ଣଓମେଣ୍ଟକୁ ଉଦଘାଟନ କରିଥିଲେ ଓ ମୋଟ ୯ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଗୁହାଲଡ଼ିହି ଦଳ ଢିପାସାହିକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା ଓ ରେଫେରି ଭାବେ ଚିନ୍ମୟ ମିଶ୍ର, ଦୀପକ ବେହେରା, ଇନ୍ଦ୍ରଜିତ ଶତପଥି, ଯାମିନୀକାନ୍ତ ପାଣି ଖେଳ ପରିଚାଳନା କରିଥିବା ବେଳେ ସତ୍ୟଜିତ ଷଡ଼ଙ୍ଗୀ, ସପନ ରଣା ଓ ପ୍ରସନ୍ନ ମହାପାତ୍ର ସ୍କୋରିଂରେ ସହାୟତା କରିଥିଲେ। ଚମ୍ପିୟାନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଆପ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ ପୁରସ୍କାର ବିତରଣ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଭାନୁ ପ୍ରତାପ ଭଞ୍ଜଦେଓ, ବସନ୍ତ ମିଶ୍ର, ମଙ୍ଗଳ ମାଝୀ ଉପସ୍ଥିତ ଥିଲେ ଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ପୂର୍ବତନ ଜାତୀୟ ଭଲିବଲ ଖେଳାଳି ମୁକ୍ତେଶ୍ୱର ଜୀଉ ଖେଳିବା ସହ ନିୟମିତ ଯୋଗ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଉପଦେଶ ଦେଇଥିଲେ।



# ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତିଙ୍କୁ ସପ୍ତମ ଅନ୍ତରଙ୍ଗ କଳିଙ୍ଗ ପ୍ରତିଭା ସମ୍ମାନ

ଭୁବନେଶ୍ୱର, ୨୩/୬ (ନି.ପ୍ର): ଆମ ମାଟିର ଅଗଣିତ ପ୍ରେରଣାପ୍ରଦ ମଣିଷଙ୍କୁ ପୂଜା କରି ସେମାନଙ୍କ ଉନ୍ମୁଖ ଚେତନା, ଉତ୍ସର୍ଗୀକୃତ ଆତ୍ମା, ମୌଳିକ ବିଚାର ଓ ପ୍ରେରଣାର ତାଡ଼ନାରେ ଅଭିଭୂତ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନ ହାତକୁ ନେଇଛି ସ୍ୱତନ୍ତ୍ର ଅନ୍ତରଙ୍ଗ କଳିଙ୍ଗ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ! ଏହାର ସପ୍ତମ ପର୍ବ ଭାବେ ଉତ୍କଳୀୟ ଭାଷାସାହିତ୍ୟର ସୃଜନ ଓ ପ୍ରଚାରପ୍ରସାର ପ୍ରତି ଅନୁରାଗ, ଶ୍ରଦ୍ଧା, ନିଷ୍ଠା ଓ ତ୍ୟାଗର ପ୍ରୟୋଗରେ ଅନନ୍ୟ ଉଦାହରଣ ସୃଷ୍ଟି କରି ପାରିଥିବା ମହାନ ସାଧକ ବୈଷ୍ଣବ ଚରଣ ମହାନ୍ତି ମହୋଦୟଙ୍କୁ ତାଙ୍କ ରାଜଧାନୀସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀଯୁକ୍ତ ମହାନ୍ତିଙ୍କ ପରି ଜଣେ ସମର୍ପିତ ଗବେଷକ ତଥା ସାହିତ୍ୟସାଧକଙ୍କୁ ତାଙ୍କ ସାଧନାର ସଫଳ କାମନା ସହିତ ତାଙ୍କୁ ସମ୍ବର୍ଦ୍ଧିତ କରି ଅନ୍ତରଙ୍ଗ କଳିଙ୍ଗ ନିଜକୁ ଗୌରବମଣ୍ଡିତ କରିପାରିଛି ନିଶ୍ଚୟ। ଫାଉଣ୍ଡେସନର ଟ୍ରଷ୍ଟିସମୂହ ତଥା ସାହିତ୍ୟିକ ଶ୍ରୀଯୁକ୍ତ ଅମ୍ବିକା ପଟ୍ଟନାୟକ, ବିଶିଷ୍ଟ ଚିତ୍ରନିର୍ମାତା ଶେଖ୍ ଗୁଲଜାର ହୁସେନ, ଐତିହ୍ୟ ତଥା ସଂସ୍କୃତିପ୍ରେମୀ ଅସୀମ ଅମିତାଭ ଶତପଥୀ ଏବଂ ଜ୍ଞାନ ରଞ୍ଜନ ନନ୍ଦ ପ୍ରମୁଖ ଶ୍ରୀଯୁକ୍ତ ମହାନ୍ତିଙ୍କୁ ବାସଭବନରେ ଏକ ଭାବପୂର୍ଣ୍ଣ ପରିବେଶରେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ନିଜ ଉତ୍କର୍ଷତାର ଅଭିପ୍ରେରଣା ସ୍ୱରୂପ ଶ୍ରୀଯୁକ୍ତ ମହାନ୍ତିଙ୍କ ନିଷ୍ଠା ଓ ସାଧନା ଉଜ୍ଜୀବିତ ହେଉ, ଉତ୍କଳୀୟ ଭାଷାସଂସ୍କୃତି ଭଣ୍ଡାରକୁ ସେ ଏମିତି ଋଦ୍ଧିମନ୍ତ କରୁଥାନ୍ତୁ ।



## ରତ୍ନାକର ଟାଉନ ହାଇସ୍କୁଲର ୪୦ବର୍ଷ ପୂର୍ତ୍ତି ଉପଲକ୍ଷେ ମାଗଣା ସ୍ୱାସ୍ଥ୍ୟ ଶିବିର

ନୀଳଗିରି, ୨୩/୬ (ନି.ପ୍ର): ହାଇଟେକ ମେଡିକାଲର ଡାକ୍ତରମାନଙ୍କ ସହଯୋଗରେ ନୀଳଗିରି ରତ୍ନାକର ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂସଦ ପକ୍ଷରୁ ସ୍କୁଲର ୪୦ବର୍ଷ ପୂର୍ତ୍ତୀ ଅବସରରେ ସ୍କୁଲ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୪୧୨ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ରକ୍ତନମୁନା ଯାଞ୍ଚ, ଇସିଜି ପରୀକ୍ଷା, ମହିଳା ଓ ପ୍ରସୂତିବିଭାଗ, ଅସ୍ଥିଶଲ୍ୟ ବିଭାଗ, ଫିଜିଓ ଥେରାପି ବିଭାଗ , ଇଏନଟି ବିଭାଗ, ଚକ୍ଷୁ ବିଭାଗ, ହୃଦରୋଗ ବିଭାଗରେ ଚିକିତ୍ସା ପ୍ରଦାନ କରାଯାଇଥିଲା। ପୁରାତନ ଛାତ୍ର ସଂସଦର ସମସ୍ତ ଛାତ୍ରଛାତ୍ରୀ ଓ ସ୍କୁଲର କର୍ମକର୍ତ୍ତାମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରଥଯାତ୍ରାକୁ ସ୍ୱାଗତ କରି 'ରଥ ଓ ପଥ କବିତା ଆସର'




ରେମୁଣା, ୨୩/୬ (ନି.ପ୍ର):ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ମାସର ୪ର୍ଥ ରବିବାରରେ ୫୪ତମ ଫେସବୁକ କବିତା ଆସର ଆୟୋଜିତ ହୋଇସାରିଛି। ଉତ୍କଳା ମୁକ୍ତ ମଞ୍ଚରେ ଆୟୋଜିତ ଏହି କବିତା ଆସରରେ ଆଗାମୀ ରଥଯାତ୍ରାକୁ ସ୍ୱାଗତ କରି 'ରଥ ଓ ପଥ ' ଶୀର୍ଷକ କବିତା ଆସରରେ କବି କବୟିତ୍ରୀ ମାନେ ସୁନ୍ଦର ସୁନ୍ଦର ସ୍ୱରଚିତ କବିତା ପାଠ କରିଥିଲେ। ଫେସବୁକ କବିତା ଆସରର ସଭାପତି ଡ ଦେବାଶିଷ ସିଂହ ପୌରୋହିତ୍ୟ କରିଥିବା ବେଳେ କବି ଗଗନ ସେଠୀ କବିତା ପାଠୋତ୍ସବ ସଞ୍ଚାଳନ କରିଥିଲେ। ଏହି କବିତା ଆସରରେ କବି ପ୍ରଭାତ କୁମାର ଆଚାର୍ଯ୍ୟ,ପ୍ରବୀର କାମିଲା, ସୁବ୍ରତା ମହାନ୍ତି, ଶ୍ରୀରୂପା ମଞ୍ଜରୀ ସେନ୍, ସୁନାମଣି ଜେନା, ତୃପ୍ତି ପାତ୍ର, ଦେବାଶିଷ ସିଂହ, କୃଷ୍ଣା ପ୍ରଧାନ, ଜୟନ୍ତ ହଂସରାଜ, ଶାନ୍ତିଲତା ପଣ୍ଡା, ମଧୁସୂଦନ ମାଝୀ, ଅଜିମ୍ ବାଲେଶ୍ୱରୀ, ବିନୀତା ସାହୁ, କ୍ଷେତ୍ରମୋହନ ଲେଙ୍କା, ଦେବାଶିଷ ମହାପାତ୍ର କବିତା ପାଠ କରିଥିଲେ। ଉତ୍କଳାର କଣ୍ଠଶିଳ୍ପୀ ରଶ୍ମୀରେଖା ମହାପାତ୍ର, ନନ୍ଦିନୀ ନାୟକ, ଏକାଦଶୀ ବର୍ମନ, କୁମାର ଜୀବନ ପ୍ରମୁଖ ସଂଗୀତ ପରିବେଷଣ କରିଥିବା ବେଳେ ନୃତ୍ୟଶିଳ୍ପୀ ଦୁର୍ଗେଶ୍ୱରୀ ସିଂ, ଦେବାନନ୍ଦ ସିଂ ପ୍ରମୁଖ ନୃତ୍ୟ ପରିବେଷଣ କରି କବିତା ଆସରକୁ ଆକର୍ଷଣୀୟ କରିଥିଲେ। ଶେଷରେ ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସଞ୍ଜୟ ରାଉତ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୨୩/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ରାଉତ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ରାଉତ ରାଜ୍ୟ ମଦ ନିଗମର ସାଧାରଣ ପରିଚାଳକ ଭାବେ ନିଜର ଦାୟିତ୍ୱ ଦକ୍ଷତାର ସହିତ ତୁଲାଇଥିଲେ। ଶ୍ରୀ ରାଉତ ପୂର୍ବରୁ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଭାବେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ବାଲେଶ୍ୱର ଜିଲ୍ଲା ବିଷୟରେ ତାଙ୍କର ପୂର୍ବ ଅଭିଜ୍ଞତା ଥିବାରୁ ରାଜ୍ୟ ସରକାର ତାଙ୍କୁ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ପଠାଇଛନ୍ତି। ସରକାରଙ୍କ ସମସ୍ତ ଜନ କଲ୍ୟାଣ କାରୀ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ବିଶେଷ କରି ସମାଜର ତଳ ସ୍ତରର ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରି ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ରାଉତ କହିଛନ୍ତି।

# କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ବନ୍ୟା ପ୍ଲାବିତ ଅଞ୍ଚଳରେ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ

ଜଳେଶ୍ୱର, ୨୩/୬ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବହୁ ଗାଁ ଗୁଡ଼ିକର ତଳିଆ ଅଞ୍ଚଳରେ ହଠାତ ସୁବର୍ଣ୍ଣରେଖା ନଦୀର ପାଣି ମାଡ଼ିଯିବା ସହିତ ଧାନ ତଳି ଏବଂ ପରିବା ଚାଷ କ୍ଷୟକ୍ଷତି ହବା ସହିତ ବହୁ ଘର ପାଣି ଘେର ମଧ୍ୟରେ ଥିବାର ସୂଚନା ପାଇ ଏଆଇସିସି ସଦସ୍ୟ ତଥା ବାଲେଶ୍ୱରକଂଗ୍ରେସ ଦଳର ପୂର୍ବତନ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ସହାୟତାରେ ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ ସହିତ ବିପନ୍ନଙ୍କୁ ବନ୍ୟା ସହାୟତା(ରିଲିଫ ବଣ୍ଟନ) କରାଯାଇଛି ।ଜଳେଶ୍ୱର ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ରାଜୀବ କୁମାର ପରିଡା,ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ କିଷାନ କଂଗ୍ରେସ ସଭାପତି ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ମଦନ ପାତ୍ର, ସରୋଜ ଦାସ, ଏସକେ ରବାନି, ଏସକେ କଲାମ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ରିଲିଫ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।




# ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ବାସୁଦେବପୁର, ୨୩/୬ (ନି.ପ୍ର): ବାସୁଦେବପୁର ସହରରେ ପଦ୍ମା ହୋଟେଲ ପରିସରରେ ଭାରତୀୟ ଜନତା ପାର୍ଟି ବାସୁଦେବପୁର ନଗର ମଣ୍ଡଳ ପକ୍ଷରୁ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇ ଯାଇଛି। ଏହି ଦିବସରେ ବିଜେପିର ବରିଷ୍ଠ ନେତା ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ମଧୁସୂଦନ ପାଢ଼ୀ, ଭଗବାନ ମହାନ୍ତି, ପ୍ରତାପ ସେନାପତି, ଯୁବ ନେତା ଉଦୟ ନାରାୟଣ ମଲ୍ଲିକ, ଜଗବନ୍ଧୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଷ୍ଟ୍ରୀୟ ଚିନ୍ତାଧାରା ଓ ରାଜ ନୈତିକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଯୁବ ନେତା ଜୟ ପ୍ରକାଶ ମଲ୍ଲିକ ଏହି ଦିବସରେ ସଭାପତିତ୍ୱ କରିଥିଲେ ଓ ଜନସଂଘକୁ ଆଗକୁ ନେବାରେ ଡକ୍ଟର ମୁଖାର୍ଜୀ ଓ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଅଧିକ ଥିଲା ବୋଲି କହିଥିଲେ। ଏହି ଦିବସରେ ଆଶୁତୋଷ ମୁଖାର୍ଜୀ ଓ ଦିନ ଦୟାଳ ଉପାଧ୍ୟାୟ ଙ୍କ କଥା ମଧ୍ୟ ଆଲୋଚନା କରା ଯାଇଥିଲା । ଭାରତ ବର୍ଷର ସବୁଠୁ ଲୋକପ୍ରିୟ ନେତା ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ସର୍ବଦା ଦେଶପ୍ରେମ ଓ ଜାତୀୟତା ବୋଧର ସରଳ ଚିନ୍ତାଧାରା ମଧ୍ୟରେ ବାଟ ଚାଲୁ ଥିଲେ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ।




# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣି ଶିବିର

ଉଦଳା , ୨୩/୬ (ନି.ପ୍ର): ପୁର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟି ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଆଜି ଜୁନ ୨୩ ତାରିଖ ସୋମବାର ଦିନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲି ଯୋଗ ଦେଇ ମୋଟ ୭୯ ଗୋଟି ଅଭିଯୋଗର ଶୁଣାଣି କରିଛନ୍ତି । ଅଭିଯୋଗ ମଧ୍ୟରେ ୬୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୧୨ଗୋଟି ସାମୂହିକ ସମସ୍ୟା ସମ୍ବଳିତ ଥିଲା । ୮ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ପ୍ରତ୍ୟେକଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ହଜାର ଲେଖାଏଁ ମୋଟ ୪୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି । ଆଜିର ଏହି ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଶୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ଡ଼ା. ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ବିକ୍ରି କରିବା ଦାବିରେ ମଣ୍ଡି ଆଗରେ ଅନଶନରେ ବସିଲେ ଚାଷୀ

ଜଳେଶ୍ୱର, ୨୩/୬ (ନି.ପ୍ର): ରବି ଧାନ ବିକ୍ରି ପାଇଁ ଚାଷୀଙ୍କ ପାଇଁ ମଣ୍ଡି ଖୋଲିଛି। ସେମାନଙ୍କୁ ପଞ୍ଜିକରଣ କରି ଟୁକନ ଦିଆଯାଇଛି ହେଲେ ଟୁକନ ଅବଧି ଶେଷ ହେବାକୁ ବସିଥିବା ବେଳେ ଚାଷୀଙ୍କ ଧାନ ଏବେ ବି ସୋସାଇଟି ନେଉ ନାହିଁ। ଫଳରେ ଶତାଧିକ ଚାଷୀ ଏବେ ଧାନ ବିକ୍ରି କରିବା ଦାବିରେ ମଣ୍ଡିରେ ଅନଶନରେ ବସିଛନ୍ତି। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ ଅଧୀନ ନାମ୍ପୋ ପଂଚାୟତ ର ଆଜି ଦଶ ଘଟିକା ସମୟ ରେ ଜ୍ୟୋତି ଜଙ୍ଗମ ସେବା ସମବାୟ ସମିତିରେ ଚାଷୀ ମାନେ ଧାରଣା ରେ ବସିଥିଲେ।ଏହି ସମିତି ରେ ମୋଟ ୭୭୧ ଜଣ ଚାଷୀ ଧାନ ଦେବାକୁ ନାମ ପଞ୍ଜିକୃତ କରିଥିଲେ ୨୩୦ ଜଣ ଚାଷୀ ଧାନ ଦେଇଛନ୍ତି। ଆଉ ୫ଶହରୁ ଅଧିକ ଚାଷୀ ଏବେବି ଧାନ ଦେଇ ନପାରି ଅନଶନରେ ବସିଛନ୍ତି। ଟୁକନ ଅବଧି ସରିବାକୁ ଆଉ ମାତ୍ର ୭ ଦିନ ରହିଥିବା ବେଳେ କେମିତି ସବୁ ଚାଷୀଙ୍କ ଧାନ ଉଠିବ ତାକୁ ନେଇ ଚାଷୀ ଓ ମଣ୍ଡି ଅଧିକାରୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।ତେବେ ମିଲର ଠିକ ସମୟରେ ଟ୍ରକ ପଠାଉ ନ ଥିବାରୁ ଏପରି ସ୍ଥିତି ହୋଇଛି ବୋଲି ସମିତିର ସମ୍ପାଦକ ଅଜିତ କୁମାର ଜେନା କହିଛନ୍ତି। ତେବେ ଏହି ୭ ଦିନ ମଧ୍ୟରେ ଯଦି ମିଲର ମାନେ ଟ୍ରକ ପଠାନ୍ତି ତେବେ ମଧ୍ୟ ଠିକ ଅବଧି ମଧ୍ୟରେ ଚାଷୀଙ୍କ ଧାନ ଉଠା ଯାଇ ପାରିବ ନାହିଁ ତେବେ ଯେଉଁ ମିଲର ମାନେ ଏପରି ମନମାନୀ କରୁଛନ୍ତି ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ଧାନ କିଣା ର ଅବଧି ବୃଦ୍ଧି ପାଇଁ ଜଗଦୀଶ ପ୍ରଧାନ, ବିଶେଶ୍ୱର ପ୍ରାମାଣିକ, ବିଜୟ କୁମାର୍ ପାତ୍ର, ପ୍ରଦୀପ ଦାସ, ଘନଶ୍ୟାମ ରଣା, ଶାନ୍ତନୁ ପାତ୍ର, ଅରୁଣ କୁମାର ଦେ ପ୍ରମୁଖ ଚାଷୀ ମାନେ ଦାବି କରିଛନ୍ତି। ତେବେ ଖବର ଲେଖା ଶେଷ ପର୍ଯ୍ୟନ୍ତ ଚାଷୀ ଧାରଣା ରେ ବସିଛନ୍ତି।




# ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବଳିଦାନ ଦିବସ ପାଳିତ




ବାଲେଶ୍ୱର, ୨୩/୬ (ନି.ପ୍ର): ଭାରତ ମାତାଙ୍କ ପୂଜନ ଓ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ, ସାମୁହିକ ବନ୍ଦେ ମାତରମ୍ ଓ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରାଙ୍କ ସ୍ୱାଗତ ଭାଷଣ ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କ ଉଦବୋଧନରେ କହିଥିଲେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଭାରତୀୟ ଜନତା ପାର୍ଟି ବଳିଦାନ ଦିବସ ରୂପରେ ପାଳନ କରିଆସୁଅଛି। ସ୍ୱାଧିନ ଭାରତକୁ ଅଖଣ୍ଡ କରିବା ପାଇଁ ଡ଼. ମୁଖାର୍ଜୀଙ୍କୁ ଆତ୍ମବଳିଦାନ ଦେବାକୁ ପଡ଼ିଥିଲା। କାଶ୍ମୀରକୁ ଭାରତର ଅବିଚ୍ଛେଦ୍ୟ ଅଙ୍ଗ କୁହାଯାଉଥିଲେ ହେଁ ବାସ୍ତବରେ ତାହା ନଥିଲା। କାଶ୍ମୀରରେ ଅଲଗା ଆଇନ, ଅଲଗା ପ୍ରତିକ, ଅଲଗା ଶାସନ ବ୍ୟବସ୍ଥା ଥିଲା, ଏମିତିକି କାଶ୍ମୀର ଯିବାକୁ ପରମିଟର ଆବଶ୍ୟକତା ପଡୁଥିଲା। ଶେଷରେ ୧୯୫୩ ଜୁନ ୨୩ ତାରିଖରେ କାଶ୍ମୀରରେ ତାଙ୍କର ରହସ୍ୟମୟ ମୃତ୍ୟୁ ଘଟିଥିଲା। ଯାହା ତାଙ୍କର ହତ୍ୟା ହୋଇଥିଲା ବୋଲି ମତ ପ୍ରକାଶ ପାଇଛି। ସେ କେବଳ ଜଣେ ବିଚକ୍ଷଣ ରାଜନୈତିକ ବ୍ୟକ୍ତିବିଶେଷ ନଥିଲେ ଏକାଧାରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ସମାଜସୁଧାରକ, ଭବିଷ୍ୟ ଦ୍ରଷ୍ଟା, ବାଗ୍ମୀ ଥିଲେ। ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟି କାର୍ଯ୍ୟ କରିଆସୁଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଡ଼. ମୁଖାର୍ଜୀଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। ଦୀର୍ଘ ସଂଘର୍ଷମୟ ଲଢ଼େଇ ପରେ କାଶ୍ମୀରକୁ ଭାରତରେ ବିଲୟ କରାଯାଇ ପାରିଛି। କାଶ୍ମୀରରୁ ଧାରା ୩୭୦ ଏବଂ ୩୫କ ଉଚ୍ଛେଦ ହୋଇଛି। ଅନ୍ୟ ବକ୍ତା ଭାବରେ ପୁର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଜୀବନ ପ୍ରଦୀପ ଦାଶ, କାର୍ଯ୍ୟକ୍ରମର ଜିଲ୍ଲା ସହସଂଯୋଜକ ଶ୍ରୀନିବାସ ପ୍ରଧାନ ଓ ଶୋଭନା ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ସ୍ୱର୍ଗତ ମୁଖାର୍ଜୀଙ୍କ ଜୀବନୀ ଓ ଆଦର୍ଶ, ରାଜନୈତିକ ବିଚାର ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସମାରୋପ ବ୍ୟକ୍ତବ୍ୟ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଗଣମାଧ୍ୟମ ସହସଂଯୋଜକ ରଞ୍ଜିତ ପୃଷ୍ଟି, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ସହଯୋଗ କରିଥିଲେ। ସାମୁହିକ ଜାତୀୟ ସଂଗୀତ ଗାନ ଉପରାନ୍ତେ ସଭାକାର୍ଯ୍ୟ ସମାପ୍ତ ହୋଇଥିଲା।

## ବିଷପକାଇ ଗାଁ ପୋଖରୀରୁ ମାଛ ମାରିବା ଅଭିଯୋଗ

ନୀଳଗିରି , ୨୩/୬ (ନି.ପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଅଷ୍ଟିଆ ଗ୍ରାମ ପୋଖରୀରେ ମାଛଧରିବା ପାଇଁ ସାଇନାଥ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିଷପକାଇ ପୋଖରୀ ପାଣିକୁ ବିଷାକ୍ତକରିବା କାରଣରୁ ମାଛ ମରିଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଉକ୍ତ ଗୋଷ୍ଠୀର ସଭାପତି ପ୍ରମିଳା ପୁଥାଳ, ୱାର୍ଡସଭ୍ୟା ସୁକାନ୍ତି ସ୍ୱାଇଁ ପୋଖରୀରେ ବିଷ ପକାଯାଇନାହିଁ ବରଂ ପାଣିଶୁଖାଇ ଜାଲଚାପି ମାଛଧରିବା କାରଣରୁ କିଛି ମାଛ ମରିଥିବା କହି। ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପାଣି ନମୁନା ସଂଗ୍ରହ କରି ଯାଞ୍ଚ କଲେ ସତ୍ୟାସତ୍ୟ ପଦାକୁ ଆସିବବୋଲି ଉଭୟପକ୍ଷ ଦାବି କରିଛନ୍ତି । ଏନେଇ ଗ୍ରାମର ଦାମୋଦର ସ୍ୱାଇଁ, ସୁରେଶ ସ୍ୱାଇଁ, ଶରତ ରାଉତ, ବାବୁଲା ରାଉତ, ଟୁଟୁ ପାତ୍ର, ମଧୁସୂଦନ ମହାଳିକ ପ୍ରମୁଖ ଈଶ୍ୱରପୁର ଫାଣ୍ଡି ଅଧିକାରୀ ଏବଂ ଶ୍ୟାମସୁନ୍ଦରପୁର ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଚିଙ୍ଗୁଡ଼ି ଝିଲି ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ : ଖରିଫ ଚାଷ କ୍ଷତିଗ୍ରସ୍ତ ଆଶଙ୍କା

ଲଙ୍ଗଳେଶ୍ୱର , ୨୩/୬ (ନି.ପ୍ର): ବେଆଇନ ଚିଙ୍ଗୁଡ଼ି ଝିଲି ଯୋଗୁଁ ଚଳିତ ବର୍ଷ ଷୋଳସା ପାଣ୍ଠରୁ ଜଳ ନିଷ୍କାସନ ହୋଇ ପାରିବ ନାହିଁ। ଏଥି ଯୋଗୁଁ ଖରିଫ ଧାନ ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ପାଣ୍ଠର ମଧ୍ୟ ଭାଗ ଦେଇ ଐତିହାସିକ ଓଡିଶା କୋଷ୍ଟ କେନାଲ ଯାଇଛି। କୋଷ୍ଟ କେନାଲ ଦେଇ ଷୋଳସା ପାଣ୍ଠ ର ଉଦବୃତ୍ତ ବର୍ଷା ଓ ବନ୍ୟା ଜଳ ସହଜରେ ନିଷ୍କାସିତ ହୋଇ ଥାଏ। ଏବେ କୋଷ୍ଟ କେନାଲ ର ଉଭୟେ ପାର୍ଶ୍ୱରେ ପାଶି ଖଳକୁ ଲାଗିକରି ବେଆଇନ ଭାବେ ଶହ ଶହ ଚିଙ୍ଗୁଡ଼ି ଝିଲି ଗଢି ଉଠି ଥିବାରୁ ଜଳ ନିଷ୍କାସନ ନେଇ ବାଧା ଉପୁଜିବ। ଚଳିତ ବର୍ଷ କୋଷ୍ଟ କେନାଲର କିଛି ଅଂଶ ଖନନ କରାଯାଇ ଥିବା ବେଳେ ସ୍ଲୁଇସ ଗେଟ କାମ ହୋଇ ନାହିଁ। ଜାମ କୁଣ୍ଡା ଲକ ଠାରେ ଥିବା ସ୍ଲୁଇସ ଗେଟ ଦୀର୍ଘ ଦିନରୁ ମରାମତି ନ ହୋଇ ପଡି ରହିଛି। ସ୍ଲୁଇସ ଗେଟ ବଡାଶ ପଟକୁ ହେଲେ ଜଳ ନିଷ୍କାସନ ସହଜ ହେବ ବୋଲି ଚାଷୀମାନେ ଭିଭାଗକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବେଆଇନ ଚିଙ୍ଗୁଡ଼ି ଝିଲି ଉଚ୍ଛେଦ ପାଇଁ କାଳିପଦା ଗଣ ଚେତନା ମଞ୍ଚର ସଭାପତି କୁଶଧ୍ୱଜ ଜେନା, ଶିବ କୁମାର ପ୍ରଧାନ, ମନ୍ମଥ କୁମାର ପାତ୍ର, ଅରୁଣ କୁମାର କରଣ, ବିନୋଦ କୁମାର ଜେନା, ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ସଭାପତି ଅନୁଜ କୁମାର ମହାପାତ୍ର, ସୁବୋଧ କୁମାର ପାତ୍ର ପ୍ରମୁଖ ଲିଖିତ ଭାବେ ସ୍ଥାନୀୟ ତହସିଲଦାର, ଜିଲ୍ଲା ପାଳ, ବିଧାୟକ, ସାଂସଦ ପ୍ରମୁଖ ଙ୍କୁ ଜଣାଇ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନାହିଁବୋଲି ପ୍ରକାଶ କରିଛନ୍ତି ।ଅଧିକ ଜଳ ଆଶଙ୍କା ରେ ଚାଷୀ ଚଳିତ ବର୍ଷ ଖରିଫ ବୁଣଧାନ ଚାଷ କରି ନାହାଁନ୍ତି କହିଲେ ଚଳେ। ଧାନ ତଳି ମଧ୍ୟ ଦେଖିବାକୁ ମିଳି ନାହିଁ। ଅନ୍ୟ ପକ୍ଷରେ ଏବେ ପାଣ୍ଠ ଜମିରେ ବର୍ଷା ଦିନିଆ ଜୋକ ଦେଖା ଦେଇଛି। ଜୋକ ଭୟରେ ଚାଷୀମାନେ ଜମି ଭିତରକୁ ପଶି ପାରୁ ନାହାଁନ୍ତି। ଜୋକର ନିରାକରଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ଚାଷୀମାନେ ଦାବି କରିଛନ୍ତି। ବେଆଇନ ଚିଙ୍ଗୁଡ଼ି ଝିଲି ଉଚ୍ଛେଦ ନ ହେଲେ କୋଷ୍ଟ କେନାଲ ବିକାଶ କମିଟି ଓ ଚାଷୀମାନେ ଆନ୍ଦୋଳନକୁ ଓହ୍ଲେଇ ବେ ବୋଲି ପ୍ରଶାସନ କୁ ଚେତାବନୀ ଦେଇଛନ୍ତି। ତେବେ ଏବାବଦ ରେ ନବ ନିଯୁକ୍ତ ତହସିଲଦାର ପଦକ୍ଷେପ ନିଅନ୍ତୁ ବୋଲି ଚାଷୀ ମାନେ ଚାହିଁଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida